CMYK

- Vol.- 46, Issue No. 198
- Saturday, 17 October 2026
- ଶନିବାର, ୧୭ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ କରିବ ଆନ୍ଧ୍ର !




ଭୁବନେଶ୍ୱର, ୧୬।୧୦: ଓଡ଼ିଶାର କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟିଆ ଅଞ୍ଚଳର ୩ ଟି ଗାଁରେ ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ଦ୍ୱାରା ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଥିବା ସଂପୃକ୍ତ ଅଞ୍ଚଳରେ ଚର୍ଚ୍ଚିତ ହୋଇଛି। ଏହି ଘଟଣାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଭକ୍ତ ଚରଣ ଦାସ ଦୃଢ଼ ନିନ୍ଦା ପୂର୍ବକ ପଡ଼ୋଶୀ ରାଜ୍ୟର ଏହି ହସ୍ତକ୍ଷେପକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ଠାରେ ଦାବି କରିଛନ୍ତି।ପିସିସି ସଭାପତି ଶ୍ରୀ ଦାସ କୋଟିଆ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ ପାଇଁ ଆନ୍ଧ୍ର ପ୍ରଦେଶ ଜାରି କରିଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଆନ୍ଧ୍ର ପ୍ରଦେଶର ଏହି ପଦକ୍ଷେପ ଓଡ଼ିଶାର ଭୂଖଣ୍ଡରେ ହସ୍ତକ୍ଷେପ ସଦୃଶ ଅଟେ। ସେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, କୋଟିଆ ଅଞ୍ଚଳର ଲୋକଙ୍କୁ ଆନ୍ଧ୍ର ପ୍ରଦେଶ ସରକାର ପେନସନ୍ (ଭତ୍ତା) ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପ୍ରଦାନ କରିବା ପଛରେ ଥିବା ଉଦ୍ଦେଶ୍ୟକୁ ବୁଝିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି।

## ୨୭ ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ !



ଭୁବନେଶ୍ୱର, ୧୬।୧୦ : ପୁଣି ଆସୁଛି ଲଘୁଚାପ । ୨୨ରୁ ୨୭ ତାରିଖ ଭିତରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ରରେ ଏହା ସୃଷ୍ଟି ହୋଇପାରେ। ଭାରତୀୟ ପାଣିପାଗ ବିଭାଗର ଦୀର୍ଘମିଆଦୀ ବୁଲେଟିନରେ ଏହି ଆକଳନ ସୂଚନା ଥିବା ବେଳେ ୨୨ ତାରିଖ ପରେ ହିଁ ସ୍ପଷ୍ଟ ଆକଳନ କରି ହେବ ବୋଲି କୁହାଯାଇଛି । ଅପରପକ୍ଷେ ଟ୍ରପ ଲାଇନ୍ ସହ ଉପରି ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୩ ଦିନ ଯାଏଁ ବର୍ଷା ସମ୍ଭାବନା ରହିଛି । ଶୁକ୍ରବାର ଭିଜିଛି ରାଜଧାନୀ ଭୁବନେଶ୍ୱର । ରାଜଧାନୀରେ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି । ଆଉ ତିନି ଦିନ ରାଜ୍ୟର କାଁ ଭାଁ ସ୍ଥାନରେ ବର୍ଷା ହେବ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ରହିଛି । ୧୭ତାରିଖରେ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଓ ୧୮ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶାର ୩ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ରହିଛି ।

### ଦଶହରା ଭେଟି

### ୬ ମାସର ସମ୍ମାନ ରାଶି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

# ପ୍ରତି ସରପଞ୍ଚଙ୍କୁ ୧୦ ହଜାର ଟଙ୍କା

- ନାଏବ ସରପଞ୍ଚଙ୍କୁ ୪ ହଜାର ଟଙ୍କା
- ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନକୁ ମଞ୍ଜୁରି

ଭୁବନେଶ୍ୱର, ୧୬।୧୦:ଦଶହରା ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶି ମଞ୍ଜୁର କରିଛନ୍ତି। ଏଥିପାଇଁ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁର ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥରାଶି ପ୍ରଦାନ ପାଇଁ ଶୁକ୍ରବାର ଅନୁମୋଦନ କରିଛନ୍ତି । ରାଜ୍ୟର ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ଗ୍ରାମାଞ୍ଚଳର ବିକାଶରେ ନିୟୋଜିତ ଜନପ୍ରତିନିଧିଙ୍କୁ ଆର୍ଥିକ ସମ୍ମାନ ପ୍ରଦାନ ଦିଗରେ ଏହି ଅର୍ଥ ମଞ୍ଜୁରି ଗୁରୁତ୍ୱ ବହନ କରୁଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅନୁଯାୟୀ, ଗତ ଏପ୍ରିଲ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ



ପର୍ଯ୍ୟନ୍ତ ଛଅ ମାସର ସମ୍ମାନ ରାଶି ପ୍ରଦାନ କରାଯିବ । ଏହି ଅବଧି ପାଇଁ ପ୍ରତ୍ୟେକ ସରପଞ୍ଚ ୧୦ ହଜାର ଟଙ୍କା ଏବଂ ପ୍ରତ୍ୟେକ ନାଏବ ସରପଞ୍ଚ ୪ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ପାଇବେ । ରାଜ୍ୟର ଗ୍ରାମାଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ରାଶି ପ୍ରଦାନ କରିବା ଏହି ନିଷ୍ପତ୍ତିର ମୁଖ୍ୟ ଲକ୍ଷ୍ୟ । ଗ୍ରାମ ପଞ୍ଚାୟତଗୁଡ଼ିକ ଗ୍ରାମୀଣ ବିକାଶ ଓ ସ୍ଥାନୀୟ ପ୍ରଶାସନର ମୁଖ୍ୟ ଆଧାର ହୋଇଥିବାରୁ ସେଠାରେ ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରପଞ୍ଚ ଓ ନାଏବ ସରପଞ୍ଚମାନେ ଗ୍ରାମ ପଞ୍ଚାୟତର ଦୈନନ୍ଦିନ କାର୍ଯ୍ୟ ପରିଚାଳନା, ଗ୍ରାମସଭା ଓ ପଞ୍ଚାୟତ ବୈଠକରେ ଅଂଶଗ୍ରହଣ, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସ୍ଥାନୀୟ ସମସ୍ୟାର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାନ୍ତି । ଲୋକଙ୍କ ମୌଳିକ ସୁବିଧା ଯୋଗାଣ, ରାସ୍ତାଘାଟର ଉନ୍ନତି, ପାନୀୟ ଜଳ, ପରିମଳ, ଆଲୋକୀକରଣ ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନରେ ସେମାନଙ୍କ ଭୂମିକା ରହିଛି ।ଗ୍ରାମ ପଞ୍ଚାୟତଗୁଡ଼ିକ ହେଉଛି ଗ୍ରାମୀଣ ପ୍ରଶାସନ ଓ ବିକାଶର ମୂଳ ଭିତ୍ତି । ପାନୀୟ ଜଳ, ରାସ୍ତାଘାଟ, ପରିମଳ, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ଭଳି ବିଭିନ୍ନ କାର୍ଯ୍ୟରେ ସରପଞ୍ଚ ଓ ନାଏବ ସରପଞ୍ଚମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ତେଣୁ ସେମାନଙ୍କ ପାଇଁ ଛଅ ମାସର ସମ୍ମାନ ରାଶି ମଞ୍ଜୁରିକୁ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ଜନପ୍ରତିନିଧିଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

## 'ତ୍ରିରଙ୍ଗା ଯାତ୍ରା' ପୂର୍ବରୁ ଅଭିଜିତ ଓ ନେହା ବୋରା ଅଟକ

ନୂଆଦିଲ୍ଲୀ, ୧୬।୧୦: ଦିଲ୍ଲୀ ପୋଲିସ କକରୋଚ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେ ଏବଂ ଏଆଇଏସଏ ସଭାପତି ନେହା ବୋରାଙ୍କୁ ହେପାଜତକୁ ନେଇଛି। ପୋଲିସ ନେହା ବୋରାଙ୍କୁ ମଣ୍ଡି ହାଉସଠାରୁ



ଅଟକ ରଖିଛି ।ଅଟକ ପୂର୍ବରୁ, ନେହା ଏକ ଭିଡିଓ ଜାରି କରି ଲୋକମାନଙ୍କୁ ମଣ୍ଡି ହାଉସ ଆସିବାକୁ ଏବଂ ଶୋଭାଯାତ୍ରାରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏପରିକି ଅଟକ ସମୟରେ ନେହା କହିଥିଲେ, ଏହା ହିନ୍ଦୁସ୍ତାନକୁ ବଞ୍ଚାଇବାର ଲଢ଼େଇ। ମୋତେ ତିହାର ଜେଲ୍ ପଠାଇ ଦିଅ ବୋଲି ପୋଲିସକୁ କହିଥିଲେ ।ଅଟକ ପୂର୍ବରୁ, ଦିଲ୍ଲୀ ପୋଲିସର ଏକ ଟିମ୍ ଦୀପକେଙ୍କୁ ନୋଟିସ ଦେଇ କନ୍‌ଟ ପ୍ଲେସ ଏବଂ ସେଣ୍ଟ୍ରାଲ ପାର୍କ ନିକଟରେ 'ତ୍ରିରଙ୍ଗା ଯାତ୍ରା' ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ କହିଛି, କନ୍‌ଟ ପ୍ଲେସରେ ଧାରା ୧୬୩ ଲାଗୁ ହୋଇଛି ଏବଂ ଏଭଳି 'ତ୍ରିରଙ୍ଗା ଯାତ୍ରା' ଆୟୋଜନ କରିବାକୁ କୌଣସି ଅନୁମତି ଦିଆଯାଇ ନାହିଁ। ସିଜେପି ଶୁକ୍ରବାର କନଟ ପ୍ଲେସ ସ୍ଥିତ ସେଣ୍ଟ୍ରାଲ ପାର୍କରେ 'ଲେହରା ଦୋ ତ୍ରିରଙ୍ଗା' ଶୋଭାଯାତ୍ରା କରିବାକୁ ଯୋଜନା କରିଥିଲା, କିନ୍ତୁ ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ମିଳି ନ ଥିଲା ।କିନ୍ତୁ ଅଭିଜିତ ଦୀପକେ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଘରୁ ବାହାରିଥିଲେ ହେଁ ପୋଲିସ ତାଙ୍କୁ ହେପାଜତକୁ ନେଇ ଏକ ଗାଡ଼ିରେ ବସାଇ ନେଇଥିଲା।

## ଶପଥ ନେଲେ ନିର୍ବାଚିତ ପ୍ରତିନିଧି



ଭୁବନେଶ୍ୱର, ୧୬।୧୦: ରାଜ୍ୟର ବିଭିନ୍ନ କଲେଜରେ ଶପଥ ଗ୍ରହଣ ଉତ୍ସବ ଶେଷ ହୋଇଛି । ଛାତ୍ର ସଂସଦ ନିର୍ବାଚନରେ ନବ ନିର୍ବାଚିତ ଛାତ୍ର ପ୍ରତିନିଧିମାନେ ଶୁକ୍ରବାର ଗଣତାନ୍ତ୍ରିକ ପଦ୍ଧତିରେ ଶପଥ ଗ୍ରହଣ କରିଛନ୍ତି । ଏହି ସ୍ୱତନ୍ତ୍ର ସମାରୋହରେ କଲେଜ କର୍ତ୍ତୃପକ୍ଷ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ । ସାଧୁତାର ସହିତ କଲେଜର ମର୍ଯ୍ୟାଦା ବୃଦ୍ଧି ପାଇଁ ନିର୍ବାଚିତ ଛାତ୍ର ନେତାମାନେ କାମ କରିବେ ବୋଲି ଶପଥ ନେଇଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟରେ ସଭାପତି ସୋନାଲି ବେହେରା, ଉପସଭାପତି ଅର୍ପିତା ମହାପାତ୍ର, ସାଧାରଣ ସମ୍ପାଦକ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପ୍ରମୁଖ ଶପଥ ନେବା ପରେ ଖୁସି ମନାଇଥିଲେ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ, ମହର୍ଷି କଲେଜ, ରାଜଧାନୀ କଲେଜ, ଦେବରାୟ କଲେଜ, କମଳା ନେହରୁ ମହିଳା ବିଦ୍ୟାଳୟ ଆଦି କଲେଜର ଛାତ୍ର ନେତାମାନେ ମଧ୍ୟ ଶପଥ ନେଇଥିଲେ। କିଛି କଲେଜରେ ଆଜି ଶପଥ ପାଠ ହୋଇନଥିଲା। ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଛାତ୍ର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ତାଙ୍କ ବାସଭବନରେ ଆଜି ସାକ୍ଷାତ୍ କରିଥିଲେ। ଛାତ୍ର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନବ ନିର୍ବାଚିତ ଛାତ୍ର ପ୍ରତିନିଧିମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରନ୍ତୁ।

### ପ୍ରତିରକ୍ଷା ଚୁକ୍ତିରେ ଲାଞ୍ଚ କାରବାର ଅଭିଯୋଗ

## ଏମଆଇଏଲ୍‌ର ଅଧିକାରୀ ଗିରଫ, ଯାଞ୍ଚ କରିବ ସିବିଆଇ

ଭୁବନେଶ୍ୱର, ୧୬।୧୦: ପ୍ରାୟ ୫୦୦ କୋଟିର ପ୍ରତିରକ୍ଷା ଚୁକ୍ତିରେ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ଆଧାରରେ ଗିରଫ ଅଧିକାରୀଙ୍କ ସମସ୍ତ ଚୁକ୍ତିର ଯାଞ୍ଚ ସିବିଆଇ କରିବ। ରାଷ୍ଟ୍ରାୟତ୍ତ ପ୍ରତିରକ୍ଷା ସଂସ୍ଥା ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଗିରଫଦାରି ପରେ ସିବିଆଇ ତଦନ୍ତର ପରିସର ବଢ଼ାଇବାକୁ ଯାଉଛି । ଅନିଲ କୁମାରଙ୍କ ଦ୍ୱାରା ନିକଟ ଅତୀତରେ ପରିଚାଳିତ ଓ ପ୍ରଦାନ କରାଯାଇଥିବା ସମସ୍ତ ପ୍ରତିରକ୍ଷା ଚୁକ୍ତିର ଯାଞ୍ଚ କରାଯିବ । ଘରୋଇ ଠିକାଦାର ଓ ଯୋଗାଣକାରୀ ସଂସ୍ଥାଗୁଡ଼ିକୁ ଅନୁଚିତ ସୁବିଧା ଦେବା ବଦଳରେ ଲାଞ୍ଚ ନେବା ଏବଂ ପ୍ରତିରକ୍ଷା ଉତ୍ପାଦନ ଓ କ୍ରୟ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରିବା ଭଳି ଗୁରୁତର ଅଭିଯୋଗ ତାଙ୍କ ବିରୋଧରେ ରହିଛି ।ତଦନ୍ତକାରୀ ଅଧିକାରୀମାନେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ୍ କର୍ତ୍ତୃପକ୍ଷଙ୍କଠାରୁ ଅନିଲ କୁମାରଙ୍କ ସହ ସମ୍ପୃକ୍ତ ଚୁକ୍ତି ଓ କ୍ରୟ ଫାଇଲ୍ ମାଗିବେ। ଏହାଦ୍ୱାରା କ୍ରୟ ନିଷ୍ପତ୍ତି, ଘରୋଇ ଯୋଗାଣକାରୀ ଏବଂ ଅର୍ଥ କାରବାର ମଧ୍ୟରେ କୌଣସି ବେଆଇନ ସମ୍ପର୍କ ରହିଛି କି ନାହିଁ ? ତାହା ଯାଞ୍ଚ କରାଯିବ । ସିବିଆଇର ତଦନ୍ତ ଅନୁଯାୟୀ, ପ୍ରାୟ ୫୦୦ କୋଟି ଟଙ୍କାର ଏକ ଗୋଳାବାରୁଦ ଯୋଗାଣ ଚୁକ୍ତିରେ ଏସଏମପିପି ଲିମିଟେଡ୍‌କୁ ଅନୁଚିତ ଲାଭ ପହଞ୍ଚାଇବା ବଦଳରେ ଲାଞ୍ଚ କାରବାର ହୋଇଥିବା ସନ୍ଦେହ କରାଯାଉଛି। ଅନିଲ କୁମାରଙ୍କ ପୁଣେ ସ୍ଥିତ ବାସଭବନକୁ ହୱାଲା ମାଧ୍ୟମରେ ବିପୁଳ ପରିମାଣର ନଗଦ ଟଙ୍କା ପହଞ୍ଚାଯାଉଥିବା ନେଇ ସିବିଆଇକୁ ସୂଚନା ମିଳିଥିଲା ।ପରେ ଚଢ଼ାଉ କରାଯାଇ ତାଙ୍କୁ ଗତ ବୁଧବାର ଗିରଫ କରାଯାଇଥିଲା। ଅନିଲ କୁମାରଙ୍କ ଠିକଣାରୁ ୧ କୋଟି ୭୩ ଲକ୍ଷ ଟଙ୍କା ନଗଦ ଜବତ କରିଛି ସିବିଆଇ ।

## ମାସ ଶେଷକୁ ସଂସଦର ସ୍ୱତନ୍ତ୍ର ଅଧିବେଶନ !

ନୂଆଦିଲ୍ଲୀ, ୧୬।୧୦: ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ) ଏବଂ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତ ମାସ ଶେଷ ଆଡ଼କୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯିବା ସମ୍ଭାବନା ରହିଛି। ସମର୍ଥନ ଯୋଗାଡ଼ କରିବା ପାଇଁ ସରକାର ଡିଏମକେ ଏବଂ କିଛି ଛୋଟ ବିରୋଧୀ ଦଳ ସହ ଯୋଗାଯୋଗ କରୁଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଏସଆଇଆର୍ ବିରୋଧରେ ବିରୋଧୀଙ୍କ ତୀବ୍ର ବିକ୍ଷୋଭ ମଧ୍ୟରେ, ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ପାଇଁ ସରକାର ଏହି ମାସ ଶେଷରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ସମ୍ଭାବନା ରହିଛି। ଲୋକସଭାରେ ଏହାକୁ ପାସ୍ କରାଇବା ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ଥିବା ଦାବି କରାଯାଉଛି । ଏପ୍ରିଲ ୧୭ ତାରିଖରେ



ଲୋକସଭାରେ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ଲାଗୁ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହୋଇପାରି ନଥିଲା। ସରକାର ମୌସୁମୀ ଅଧିବେଶନରେ ଏହି ବିଲ୍ ଆଣିବାର ଥିଲା, କିନ୍ତୁ ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ, ସିଜେପି ଆନ୍ଦୋଳନ ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଏସଆଇଆର କାର୍ଯ୍ୟକ୍ରମକୁ ନେଇ ବିରୋଧ ପ୍ରଦର୍ଶନ ମୁଖ୍ୟ ପ୍ରସଙ୍ଗ ପାଲଟିବାରୁ ସରକାର ଏହାକୁ ସ୍ଥଗିତ ରଖିଥିଲେ । ସମ୍ବିଧାନ ସଂଶୋଧନ ପାଇଁ ସଂସଦରେ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ। ବର୍ତ୍ତମାନ ଲୋକସଭାରେ ଏନଡିଏ ପାଖରେ ସାଧାରଣ ବହୁମତ ଥିଲେ ହେଁ, ଆବଶ୍ୟକ ଥିବା ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଠାରୁ ଏହା କମ୍ ରହିଛି। ବର୍ତ୍ତମାନ ଲୋକସଭାରେ ୫୪୦ ଜଣ ସଦସ୍ୟ ଅଛନ୍ତି। ତେବେ ଗତ ଅଧିବେଶନ ପରଠାରୁ ସରକାରଙ୍କ ସ୍ଥିତି ମଜଭୁତ ହୋଇଛି, କାରଣ ତୃଣମୂଳ କଂଗ୍ରେସର ୨୦ ଜଣ ଏବଂ ଶିବସେନାର ୬ ଜଣ ସାଂସଦ ଶାସକ ଦଳ ଆଡ଼କୁ ଆସିଛନ୍ତି । ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଅନୁସାରେ ବିଲ୍ ପାଇଁ ସମର୍ଥନ ହାସଲ କରିବାକୁ କେନ୍ଦ୍ର ସରକାର ଡିଏମକେ ସହ ଆଲୋଚନା କରୁଛନ୍ତି। ତାମିଲନାଡୁ ନିର୍ବାଚନ ପରେ କଂଗ୍ରେସ ସହ ସମ୍ପର୍କ ଛିନ୍ନ ଏବଂ ଇଣ୍ଡିଆ ମେଣ୍ଟରୁ ବାହାରିଯିବା ପରେ ଡିଏମକେ ସହ ଏହି ଯୋଗାଯୋଗ ଆରମ୍ଭ ହୋଇଥିବା କୁହାଯାଇଛି।

### ସାନଭାଇର ଶ୍ୱଶୁରଙ୍କୁ ହତ୍ୟା : ଅଭିଯୁକ୍ତ ବଡ଼ଭାଇ ଗିରଫ

ରାଉରକେଲା, ୧୬।୧୦: ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରିକେଲା ଥାନା କର୍ଲାଘାଟି ଅଞ୍ଚଳରେ ବୀଭତ୍ସ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୋଟିଏ ପରିବାରର ସାନ ଭାଇର ଶ୍ୱଶୁରଙ୍କୁ ବଡଭାଇ ଟାଙ୍ଗିଆରେ ଆକ୍ରମଣ ପୂର୍ବକ ହତ୍ୟା କରିଛି । ମୃତକ ହେଉଛନ୍ତି ଚାଡୁ ଓରାମ। ଏହି ଘଟଣାରେ ଅଭିଯୁକ୍ତ ପରେଶ୍ୱର କୁଜୁରଙ୍କୁ କିଞ୍ଜିରିକେଲା ପୋଲିସ ଗିରଫ କରିଛି। ସୂଚନା ଅନୁସାରେ, କୌଣସି ଏକ ବଚସାକୁ କେନ୍ଦ୍ର କରି ପରେଶ୍ୱର କୁଜୁର ଓ ଚାଡୁ ଓରାମଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ପରେଶ୍ୱର ଟାଙ୍ଗିଆରେ ଚାଡୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଚାଡୁଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ପରେ ଅଭିଯୁକ୍ତ ମୃତଦେହକୁ ନିକଟସ୍ଥ ଏକ କ୍ଷେତରେ ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ କିଞ୍ଜିରିକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଫେରାର ଥିବା ଅଭିଯୁକ୍ତ ପରେଶ୍ୱର କୁଜୁରଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ କ'ଣ ଏବଂ ବଚସା କେଉଁ ପରିସ୍ଥିତିରେ ହତ୍ୟାର ରୂପ ନେଲା ସେନେଇ କିଞ୍ଜିରିକେଲା ପୁଲିସ ତଦନ୍ତ ଜାରି ରଖିଛି।

### ପିଏମ୍ ସେତୁ ଅଧୀନରେ

# ବିକଶିତ ହେବ ଓଡ଼ିଶାର ୫ ଆଇଟିଆଇ

- ★ କଟକ ସରକାରୀ ଆଇଟିଆଇ ହେବ କ୍ଲଷ୍ଟର ମୁଖ୍ୟକେନ୍ଦ୍ର
- ★ ୩ ରାଜ୍ୟରେ ସ୍ୱତନ୍ତ୍ର ଆଇଟିଆଇ କ୍ଲଷ୍ଟର ଲାଗି କେନ୍ଦ୍ରର ମଞ୍ଜୁରି ୧,୧୯୪.୯୨ କୋଟି
- ★ ଓଡ଼ିଶାକୁ ମିଳିବ ୨୪୦ କୋଟି
- ★ ଢେଙ୍କାନାଳ, ଚୌଦ୍ୱାର, ଯାଜପୁର, ପାରାଦୀପର ସରକାରୀ ଆଇଟିଆଇକୁ ମିଳିବ ସହାୟତା

ନୂଆଦିଲ୍ଲୀ, ୧୬।୧୦: ରାଜ୍ୟର ୫ ଆଇଟିଆଇ ପାଇଁ ଉତ୍ସାହଜନକ ଖବର ଦେଇଛନ୍ତି ପିଏମ୍-ସେତୁ ଅଧୀନସ୍ଥ ଜାତୀୟ ଷ୍ଟିୟରିଂ କମିଟି। କମିଟିର ନିଷ୍ପତ୍ତି ଅନୁସାରେ ରାଜ୍ୟରେ ସରକାର ୫ ଆଇଟିଆଇର ବିକାଶ ଓ ସମୟୋପଯୋଗୀ ଦକ୍ଷତା ବିକାଶ ଶିକ୍ଷା ଲାଗି ୨୪୦ କୋଟି ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ। ଏହି ଅର୍ଥକୁ କଟକ ସରକାରୀ ଆଇଟିଆଇ ସମେତ ଚୌଦ୍ୱାରସ୍ଥିତ ମଧୁସୂଦନ ସରକାରୀ ଆଇଟିଆଇ ଏବଂ ପାରାଦୀପ, ଯାଜପୁର ଓ ଢେଙ୍କାନାଳସ୍ଥିତ ସରକାରୀ ଆଇଟିଆଇର ଉନ୍ନତୀକରଣ ପାଇଁ ଖର୍ଚ୍ଚ କରାଯିବ। ଷ୍ଟିୟରିଂ କମିଟିର ଅନୁମୋଦନ ଅନୁସାରେ କଟକ ସରକାରୀ ଆଇଟିଆଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟକେନ୍ଦ୍ର ଭାବେ ପରିଚିତ ହେବାକୁ ଥିବା ବେଳେ ଅନ୍ୟ ୪ ଆଇଟିଆଇ ଶାଖା କେନ୍ଦ୍ର ଭାବରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହଭାଗିତାରେ ଏହି କାର୍ଯ୍ୟକ୍ରମ ରୂପାୟନ କରାଯିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଭିତ୍ତିଭୂମିକୁ ସୁଦୃଢ଼ କରିବା, ନୂତନ ଯୁଗର ତାଲିମ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବା ଏବଂ ସମ୍ପୃକ୍ତ ଅଞ୍ଚଳର ଉଦୀୟମାନ




କୌଶଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିଳ୍ପ ସଂଯୋଗକୁ ବୃଦ୍ଧି କରିବା। 'ପ୍ରଧାନମନ୍ତ୍ରୀ-ଉନ୍ନୀତ ଆଇଟିଆଇ' ମାଧ୍ୟମରେ ଦକ୍ଷତା ଓ ରୋଜଗାରର ରୂପାନ୍ତରଣ ବା ପିଏମ୍ ସେତୁ କାର୍ଯ୍ୟକ୍ରମର ୬ଷ୍ଠ ଜାତୀୟ ଷ୍ଟିଅରିଂ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ସଚିବ ଦେବଶ୍ରୀ ମୁଖାର୍ଜୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏହି ଯୋଜନା ପ୍ରଗତିର ସମୀକ୍ଷା କରାଯିବା ସହ ମହାରାଷ୍ଟ୍ର, ଓଡ଼ିଶା ଏବଂ ଜମ୍ମୁ ଓ କାଶ୍ମୀରର ଆଇଟିଆଇ କ୍ଲଷ୍ଟରଗୁଡ଼ିକ ପାଇଁ ୧,୧୯୪.୯୨ କୋଟି ମୂଲ୍ୟର ପାଞ୍ଚଟି ରଣନୀତିକ ପୁଞ୍ଜି ନିବେଶ ଯୋଜନାକୁ ଅନୁମୋଦନ କରାଯାଇଛି ।ସୂଚନା ଅନୁସାରେ ପିଏମ୍-ସେତୁ ଅଧୀନରେ ଅନୁମୋଦିତ ମୋଟ ନିବେଶ ଆଜି ସୁଦ୍ଧା ୩,୬୮୭ କୋଟି ଟଙ୍କା ରହିଛି। ଅର୍ଥାତ୍ କମିଟିର ନିଷ୍ପତ୍ତି ଅନୁସାରେ ଆଜିର ନିବେଶ ଯୋଜନା ସବୁ ରେକର୍ଡକୁ ଭାଙ୍ଗି ସର୍ବାଗ୍ରେ ରହିଛି। ଏହାକୁ ସ୍ୱତନ୍ତ୍ର ରଣନୀତିକ ନିବେଶ ଯୋଜନା ଭାବେ ଗ୍ରହଣ କରାଯାଇଛି। ଶିଳ୍ପ ତାଲିମ ସଂସ୍ଥାନ ବା ଆଇଟିଆଇଗୁଡ଼ିକୁ ଆଧୁନିକ, ଉଦ୍ୟୋଗ-ଉପଯୋଗୀ ଏବଂ ଭବିଷ୍ୟତ-ପ୍ରସ୍ତୁତ କୌଶଳ ଅନୁଷ୍ଠାନରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଏବେ ଏହି ତିନୋଟି ରାଜ୍ୟର ଆଇଟିଆଇ ପାଇଁ ସ୍ୱତନ୍ତ୍ର ନିବେଶ ଯୋଜନା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ପେଟ୍ରୋଲ ରପ୍ତାନି ଉପରେ ଟିକସ ବଢ଼ିଲା

### ଡିଜେଲ ଉପରେ ଟିକସ ହ୍ରାସ

ନୂଆଦିଲ୍ଲୀ, ୧୬।୧୦: କେନ୍ଦ୍ର ସରକାର ଅକ୍ଟୋବର ୧୬ ତାରିଖ (ଶୁକ୍ରବାର) ଠାରୁ ପନ୍ଦର ଦିନ ପାଇଁ ରପ୍ତାନି ପେଟ୍ରୋଲ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ବୃଦ୍ଧି କରିଛନ୍ତି। ଏଥି ସହିତ ଡିଜେଲ ରପ୍ତାନି ଉପରେ ଟିକସ ହ୍ରାସ କରାଯାଇଛି। ଲିଟର ପିଛା ଏଟିଏଫ ୧୦.୫ ଟଙ୍କା ରପ୍ତାନି ଉପରେ ଶୁଳ୍କ ବଜାୟ ରଖାଯାଇଛି ।ଅର୍ଥ ମନ୍ତ୍ରଣାଳୟର ବିଜ୍ଞପ୍ତିରେ କୁହାଯାଇଛି ଯେ, ଚଳିତ ପନ୍ଦର ଦିନ ପାଇଁ ଡିଜେଲ ରପ୍ତାନି ଉପରେ ୱିଣ୍ଡଫଲ୍ ଲାଭ ଟିକସ ହ୍ରାସ କରାଯାଇଥିବା ବେଳେ ପେଟ୍ରୋଲ ରପ୍ତାନୀ ଉପରେ ଶୁଳ୍କ ବୃଦ୍ଧି କରାଯାଇଛି। ଏଥି ସହିତ, ବିମାନ ଚଳାଚଳ ଟର୍ବାଇନ ଇନ୍ଧନ (ଏଟିଏଫ) ର ରପ୍ତାନି ଉପରେ ଶୁଳ୍କ ଲିଟର ପିଛା ୧୦.୫ ରଖାଯାଇଛି। ମନ୍ତ୍ରଣାଳୟ କହିଛି ଯେ, ଶୁଳ୍କରେ ଏହି ପରିବର୍ତ୍ତନ ଅକ୍ଟୋବର ୧୬ ତାରିଖ ଠାରୁ କାର୍ଯ୍ୟକାରୀ ହୋଇଛି ।ବିଜ୍ଞପ୍ତି ଅନୁଯାୟୀ, ଡିଜେଲ ରପ୍ତାନି ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ (ଏସ୍. ଏ. ଇ. ଡି.) ଏବଂ ସଡ଼କ ଓ ଭିତ୍ତିଭୂମି ସେସ୍ ବର୍ତ୍ତମାନ ଲିଟର ପିଛା ୮.୫ ଟଙ୍କା ହେବ। ପୂର୍ବରୁ ଏହି ଶୁଳ୍କ ଲିଟର ପିଛା ୧୬ ଟଙ୍କା ଥିଲା। ସେହିଭଳି, ପେଟ୍ରୋଲ ରପ୍ତାନି ଉପରେ ଶୁଳ୍କକୁ ଆଗାମୀ ପନ୍ଦର ଦିନ ପାଇଁ ଲିଟର ପିଛା ୦.୫ ଟଙ୍କାରୁ ୨.୫ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତିରେ କହିଛି ଯେ, ଶୁଳ୍କରେ ପରିବର୍ତ୍ତନ ଅକ୍ଟୋବର ୧୬ ତାରିଖ ଠାରୁ କାର୍ଯ୍ୟକାରୀ ହେବ। ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ, କେନ୍ଦ୍ର ସରକାର ମାର୍ଚ୍ଚ ୨୭ ତାରିଖରେ ଡିଜେଲ ଏବଂ ବିମାନ ଟର୍ବାଇନ ଇନ୍ଧନର ରପ୍ତାନି ଉପରେ ଶୁଳ୍କ ଲାଗୁ କରିଥିଲେ।

CMYK

# ମା' କାଳରାତ୍ରି

ଏକବେଣୀ ଜପାକର୍ଣ୍ଣପୂରା ନଗ୍ନା ଖରାସ୍ଥିତା।
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା।
ବର୍ଦ୍ଧନମୂର୍ଦ୍ଧଧ୍ୱଜା କୃଷ୍ଣା କାଳରାତ୍ରିର୍ଭୟଙ୍କରୀ





କାଳରାତ୍ରି ହେଉଛନ୍ତି ଶାରଦୀୟ ନବରାତ୍ରିର ସପ୍ତମ ଦିବସର ଅଧିଷ୍ଠାତ୍ରୀ ଦେବୀ। ଓଡ଼ିଶାର ପାରମ୍ପରିକ ଶକ୍ତି ପୂଜା ପଦ୍ଧତି ଅନୁଯାୟୀ, ଆଶ୍ୱିନ ଶୁକ୍ଳ ସପ୍ତମୀ ତିଥିରେ ମା'ଙ୍କର ଏହି ଭୟଙ୍କର ତଥା ଶକ୍ତିଶାଳୀ ସ୍ୱରୂପକୁ ଅତ୍ୟନ୍ତ ନିଷ୍ଠାର ସହ ଆରାଧନା କରାଯାଏ। ମା' କାଳରାତ୍ରିଙ୍କ ପୂଜା ଅର୍ଥାତ୍ ପବିତ୍ର ମହାସପ୍ତମୀ ପୂଜା ସମଗ୍ର ଓଡ଼ିଶାର ପୂଜା ମଣ୍ଡପ ଓ ଶକ୍ତିପୀଠଗୁଡ଼ିକରେ ଅନୁଷ୍ଠିତ ହେବ। ଏହି ଦିନଠାରୁ ଦୁର୍ଗାପୂଜାର ମୁଖ୍ୟ ମୃଣ୍ମୟୀ ପୂଜା ସର୍ବସାଧାରଣଙ୍କ ଦର୍ଶନ ପାଇଁ ଉନ୍ମୁକ୍ତ ହୋଇଥାଏ।

## ମା'ଙ୍କ ସ୍ୱରୂପ ଏବଂ ମହତ୍ତ୍ୱ:

ଦୁଷ୍ଟ ଅସୁର ରକ୍ତବୀଜର ବିନାଶ କରିବା ପାଇଁ ଦେବୀ ଏହି ରୂପ ଧାରଣ କରିଥିଲେ। 'କାଳରାତ୍ରି'ର ଅର୍ଥ ହେଉଛି କାଳର ବିନାଶ କରୁଥିବା ଅନ୍ଧକାରମୟୀ ଦେବୀ। ତାଙ୍କର ଏହି ରୂପ ଦେଖିବାକୁ ଭୟଙ୍କର ହେଲେ ମଧ୍ୟ ସେ ନିଜ ଭକ୍ତମାନଙ୍କୁ ସଦାସର୍ବଦା ଶୁଭ ଫଳ ପ୍ରଦାନ କରିଥାନ୍ତି, ତେଣୁ ତାଙ୍କୁ 'ଶୁଭଙ୍କରୀ' ମଧ୍ୟ କୁହାଯାଏ।

୧. ମା'ଙ୍କ ଶରୀରର ରଙ୍ଗ ଅନ୍ଧକାର ଭଳି କଳା ଏବଂ କେଶଗୁଡ଼ିକ ବିଚ୍ଛୁରିତ ହୋଇ ରହିଥାଏ।
୨. ତାଙ୍କର ତିନୋଟି ଜାଜ୍ୱଲ୍ୟମାନ ନେତ୍ର ଏବଂ ନିଶ୍ୱାସରୁ ଅଗ୍ନିଶିଖା ନିର୍ଗତ ହୋଇଥାଏ।
୩. ଚାରୋଟି ହାତର ଡାହାଣ ପାଶ୍ୱର୍ରେ ଅଭୟ ଓ ବରଦା ମୁଦ୍ରା ଏବଂ ବାମ ପାଶ୍ୱର୍ରେ ଲୁହାର କଣ୍ଟା ଓ ଖଡ଼ଗ ଶୋଭା ପାଇଥାଏ।
୪. ଗଧ ହେଉଛି ମା'ଙ୍କର ପବିତ୍ର ବାହନ।

## ଓଡ଼ିଆ ପରମ୍ପରାରେ ପୂଜା ବିଧି ଓ ଭୋଗ:

ଓଡ଼ିଶାର ବିଭିନ୍ନ ପୂଜା ମଣ୍ଡପ ଏବଂ ଚାନ୍ଦି ମେଢ଼ଗୁଡ଼ିକରେ ମହାସପ୍ତମୀ ତିଥିରେ ସ୍ୱତନ୍ତ୍ର ତାନ୍ତ୍ରିକ ଓ ସନାତନ ରୀତିନୀତି ପାଳନ କରାଯାଏ:

**୧. ନବପତ୍ରିକା ପ୍ରବେଶ ଓ ସ୍ନାନ ବିଧି:** ସପ୍ତମୀ ସକାଳୁ ଓଡ଼ିଶାର ସମସ୍ତ ପୂଜା ମଣ୍ଡପରେ ନବପତ୍ରିକା (୯ଟି ଗଛର ପତ୍ର ସମୂହ) କୁ ପବିତ୍ର ନଦୀ ବା ପୁଷ୍କରିଣୀକୁ ନିଆଯାଇ ମହାସ୍ନାନ କରାଯାଏ ଏବଂ ବାଦ୍ୟରୋଳ ସହ ମଣ୍ଡପକୁ ଅଣାଯାଇ ସ୍ଥାପନ କରାଯାଏ। ଏହାକୁ 'କଦଳୀ ବୋହୂ' ବା 'ପତ୍ରିକା ପ୍ରବେଶ' ମଧ୍ୟ କୁହାଯାଏ।

**୨. ଚକ୍ଷୁଦାନ ନୀତି:** ଏହି ପବିତ୍ର ମହାସପ୍ତମୀ ତିଥିରେ ହିଁ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ରୂପା କାଠି ସାହାଯ୍ୟରେ ପୂଜକମାନେ ଚକ୍ଷୁଦାନ କରି ପ୍ରାଣ ପ୍ରତିଷ୍ଠା କରନ୍ତି।

**୩. ଗୁଡ଼ ଭୋଗ :** ମା' କାଳରାତ୍ରିଙ୍କୁ ପ୍ରସନ୍ନ କରିବା ପାଇଁ ଶୁଦ୍ଧ ଗୁଡ଼ ଏବଂ ଗୁଡ଼ରେ ପ୍ରସ୍ତୁତ ବିଭିନ୍ନ ପିଠାପଣା ଭୋଗ ଲାଗି କରାଯାଏ। ଏହି ଦିନ ଗରିବ ଲୋକଙ୍କୁ ଗୁଡ଼ ଦାନ କରିବା ଦ୍ୱାରା ପରିବାରର ସମସ୍ତ ବିପତ୍ତି ଦୂର ହୁଏ ବୋଲି ବିଶ୍ୱାସ ରହିଛି।

# ଦେବୀ ଦୁର୍ଗାଙ୍କ ସପ୍ତମା ଶକ୍ତି

ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଠାରୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ହିନ୍ଦୁମାନେ ଶାରଦୀୟ ନବରାତ୍ର ଉତ୍ସବ ପାଳନ କରିଥାନ୍ତି। ଏ ସମୟରେ ଦେବୀ ଦୁର୍ଗାଙ୍କ ନବବିଧ ସ୍ୱରୂପକୁ ଯଥା: ୧.ଶୈଳପୁତ୍ରୀ, ୨.ବ୍ରହ୍ମଚାରିଣୀ, ୩. ଚନ୍ଦ୍ରଘଣ୍ଟା, ୪. କୁଷ୍ମାଣ୍ଡା ,୫. ସ୍କନ୍ଦମାତା, ୬. କାତ୍ୟାୟନୀ, ୭. କାଳରାତ୍ରୀ, ୮. ମହାଗୌରୀ ଓ ୯. ସିଦ୍ଧିଦାତ୍ରୀଙ୍କୁ ଭକ୍ତ , ଯୋଗୀ ଓ ସାଧକମାନେ ଅତ୍ୟନ୍ତ ନିଷ୍ଠା ସହକାରେ ପୂଜନ କରିଥାନ୍ତି। ମା' ହେଉଛନ୍ତି ଶକ୍ତି , ଜ୍ଞାନ, ଭକ୍ତି, କ୍ରିୟା, ସୃଷ୍ଟି, ସ୍ଥିତି ଓ ସଂହାରାଦିର ଦେବୀ ବା ଈଶ୍ୱରୀ। ଅତଃ ଶାସ୍ତ୍ରରେ କୁହାଯାଇଛି ଯେ , 'କର୍ତ୍ତୁମ୍ ଅକର୍ତ୍ତୁମ୍ ଅନ୍ୟଥା କର୍ତ୍ତୁମ୍ ଯା ସା ଏବ ଈଶ୍ୱରୀ'। ଏହି ବିଶ୍ୱ ବ୍ରହ୍ମାଣ୍ଡରେ ଯେତେ ଯେତେ କାର୍ଯ୍ୟ ଦୃଶ୍ୟ ଓ ଅଦୃଶ୍ୟରେ ଘଟିଯାଇଛି ଏବଂ ଘଟିବାକୁ ଯାଉଛି ସେ ସବୁର କର୍ତ୍ତ୍ରୀ ହେଉଛନ୍ତି ସ୍ୱୟଂ ମା' ଆଦ୍ୟାଶକ୍ତି। ଜଗତଜନନୀ ଆଦ୍ୟାଶକ୍ତି ଦେବୀ ଦୁର୍ଗାଙ୍କ ସପ୍ତମା ଶକ୍ତି ହେଇଛନ୍ତି ମା' କାଳରାତ୍ରୀ । ଏହି ମା'ଙ୍କ ଶରୀରର ବର୍ଣ୍ଣ ଘନ ଅନ୍ଧକାର ଏବଂ କୃଷ୍ଣରଙ୍ଗ ଭଳି ପ୍ରତୀୟମାନ ହୋଉଥାଏ । ଦେବୀ କାଳରାତ୍ରୀ ଚତୁର୍ଭୁଜା ଅଟନ୍ତି । ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ବରମୁଦ୍ରାରେ ବର ଓ ଅଧଃ ହସ୍ତରେ ଅଭୟ ମୁଦ୍ରାରେ ଅଭୟ ପ୍ରଦାନ କରନ୍ତି ଏବଂ ଊର୍ଦ୍ଧ୍ୱ ବାମ ହସ୍ତରେ ଲୌହ କଣ୍ଟାର ଆୟୁଧ ଓ ଅଧଃ ହସ୍ତରେ ଖଡ୍ଗ ଧାରଣ ମଧ୍ୟ କରିଥାନ୍ତି । ମା'ଙ୍କ ଗଳାରେ ବିଜୁଳି ତେଜକାନ୍ତିର ହାର ଶୋଭା ପାଉଥାଏ ଏବଂ ନାସିକାର ଶ୍ୱାସ - ପ୍ରଶ୍ୱାସରେ ଭୟଙ୍କର ଅଗ୍ନିଜ୍ୱାଳା ନିର୍ଗତ ହେଉଥାଏ । ଦେବୀ ନିଜ ବାହନ ଗର୍ଦ୍ଦଭ ଉପରେ ଉପବେସନ କରି ମୁକ୍ତ କେଶରେ ଭ୍ରମଣ କରିଥାନ୍ତି। କଥିତ ଅଛି ଯେ , ମା'ଙ୍କ ଏହି ରୂପକୁ ଦେଖିବା ମାତ୍ରେ ରାକ୍ଷସ, ଭୂତ, ପ୍ରେତ, ପିଶାଚ ଓ ନକାରାତ୍ମକ ଊର୍ଜାମାନ ବିନାଶ ହୋଇଥାଏ । ମା' କାଳରାତ୍ରୀଙ୍କ ସ୍ୱରୂପ ଭୟଙ୍କର ହେଲେ ମଧ୍ୟ ସେ ସଦୈବ ଶୁଭ ଫଳ ପ୍ରଦାନ କରିଥାନ୍ତି । ତେଣୁ ଦେବୀଙ୍କୁ 'ଶୁଭଙ୍କରୀ' ବୋଲି କୁହାଯାଏ । ପବିତ୍ର ନବରାତ୍ରର ମହାସପ୍ତମୀ ଅବଶରେ ଭକ୍ତ, ଯୋଗୀ ଓ ସାଧକ ନିଜର ମନକୁ ସହସ୍ରା ଚକ୍ରରେ ରଖି କାଳରାତ୍ରିଙ୍କୁ ଧ୍ୟାନ କରିଥାନ୍ତି:

'ଏକବେଣୀ ଜପାକର୍ଣ୍ଣପୂରା ନଗ୍ନା ଖରାସ୍ଥିତା।
ଲମ୍ବୋଷ୍ଠୀ କର୍ଣ୍ଣିକାକର୍ଣ୍ଣୀ ତୈଳାଭ୍ୟକ୍ତଶରୀରିଣୀ।
ବାମପାଦୋଲ୍ଲସଲ୍ଲୋହଲତାକଣ୍ଟକଭୂଷଣା।
ବର୍ଦ୍ଧନମୂର୍ଦ୍ଧଧ୍ୱଜା କୃଷ୍ଣା କାଳରାତ୍ରୀର୍ଭୟଙ୍କରୀ ?'



ତତ୍ ପରେ ଦୀପ , ରକ୍ତ ବର୍ଣ୍ଣର ପୁଷ୍ପ ଓ ଗୁଡ ଆଦି ନୈବେଦ୍ୟ ସମର୍ପଣ କରିବା ସହ ଦେବୀ ମା'ଙ୍କ ମନ୍ତ୍ର ପାଠ କରିଥାନ୍ତି:

କରାଳବଦନାଂ ଘୋରାଂ ମୁକ୍ତକେଶୀଂ ଚତୁର୍ଭୁଜାମ୍ ।
କାଳରାତ୍ରିଂ କରାଳୀଂ ଚ ବିଦ୍ୟୁନ୍ମାଳାବିଭୂଷିତାମ୍ ।।

ଏହାପରେ ସପ୍ତଶତୀ ପାଠ କରି ଦେବୀଙ୍କୁ ପ୍ରସନ୍ନ କରନ୍ତି ।ଏହିପରି କରିବା ଦ୍ୱାରା ସେମାନଙ୍କୁ ଜ୍ଞାନ, ଶକ୍ତି ଓ ଧନାଦି ପ୍ରାପ୍ତ ହେବାସହ ସମସ୍ତ ସିଦ୍ଧି ଉନ୍ମୋଚନ ହୋଇଥାଏ ଏବଂ ପୂର୍ବର ସବୁ ସଞ୍ଚିତ ପାପ ନାଶ ହେବା ସଙ୍ଗେ ସଙ୍ଗେ ଅକ୍ଷୟ ପୁଣ୍ୟର ଫଳ ମିଳିଥାଏ ।ଦେବୀ ଭାଗବତରେ ବର୍ଣ୍ଣିତ ଅଛି ଯେ, ମା' ପାର୍ବତୀ ଦୁର୍ଗା ରୂପକୁ ଧାରଣ କରି ଶୁମ୍ଭ ଓ ନିଶୁମ୍ଭକୁ ବଧ କରିଥିଲେ । କିନ୍ତୁ ରକ୍ତବୀଜକୁ ବଧ କରିବା ତାଙ୍କ ପକ୍ଷରେ ସମ୍ଭବପର ହୋଇପାରିଲା ନାହିଁ। କାରଣ ରକ୍ତବୀଜକୁ ଅସ୍ତ୍ର-ଶସ୍ତ୍ର ଦ୍ୱାରା ପ୍ରହାର ସମୟରେ ତା' କ୍ଷତ ଶରୀରରୁ ଧରାପୃଷ୍ଠରେ ପଡୁଥିବା ରକ୍ତ କଣିକା ଅସଂଖ୍ୟ ରକ୍ତବୀଜକୁ ଜନ୍ମ ଦେଉଥିଲା । ତେଣୁ ମା' ଦୁର୍ଗା କାଳରାତ୍ରୀ ସ୍ୱରୂପାରେ ଆବିର୍ଭୂତା ହୋଇ ରକ୍ତବୀଜର ସମସ୍ତ ରକ୍ତକୁ ପାନ କରି ଦେଉଥିଲେ। ଏହାପରେ ରକ୍ତବୀଜକୁ ବଧ କରି ଏ ସୃଷ୍ଟିକୁ ରକ୍ଷା କରିଥିଲେ।

*-ହେମନ୍ତ କୁମାର ଗନ୍ତାୟତ*
*ମୋ: ୯୮୬୧୩୩୪୮୬୮*

# ପରମ ସତ୍ୟ ପର୍ଯ୍ୟନ୍ତ ପହଞ୍ଚିବାର ପଥ ନଅ ଦ୍ୱାର

ଶୂନ୍ୟ କ'ଣ? ଶୂନ୍ୟର ଅର୍ଥ ରିକ୍ତ କିମ୍ବା ଦୁର୍ବଳତା ନୁହେଁ,ଆଉ ଶୂନ୍ୟ ସେହି ଅନନ୍ତ ଗର୍ଭ ଅଟେ,ଯେଉଁଥିରୁ ସବୁ କିଛି ଉତ୍ପନ୍ନ ହୋଇଥାଏ ଆଉ ଶେଷରେ ସେଇଥିରେ ସମାହିତ ହୋଇଥାଏ । ଜୀବନର ପ୍ରତ୍ୟେକ ପାର୍ଶ୍ୱରେ ସନ୍ତୁଳନ ଆଉ ଅସୀମ ସମ୍ଭାବନାର ଦ୍ୱିତୀୟ ନାମ ହେଲା-ଶୂନ୍ୟ। ଆଧ୍ୟାତ୍ମିକ ଶୂନ୍ୟକୁ ପୂର୍ଣ୍ଣତା ଆଉ ପରମ ସତ୍ୟର ପ୍ରତୀକ ବୋଲି କୁହାଯାଇଛି । ବୌଦ୍ଧ ଧର୍ମରେ ଯାହାକୁ ଶୂନ୍ୟତା କୁହାଯାଇଛି,ବେଦ ଆଉ ବେଦାନ୍ତରେ ଯେଉଁ ବ୍ରହ୍ମ କିମ୍ବା ନିର୍ଗୁଣ କିମ୍ବା ନିରାକାର କୁହାଯାଇଛି। ତାହା ଶୂନ୍ୟତାରେ ହିଁ ଜଡ଼ିତ। ଶୂନ୍ୟତା ଅନନ୍ତ ସମ୍ଭାବନାର ଭଣ୍ଡାର ଅଟେ,ପରବ୍ରହ୍ମ ଅଟନ୍ତି ଆଉ ଶୂନ୍ୟ ହିଁ ପରମ ସତ୍ୟ ଅଟେ। କିନ୍ତୁ ଏହି ତତ୍ତ୍ୱ ପର୍ଯ୍ୟନ୍ତ କେମିତି ପହଞ୍ଚିବା ? ଶୂନ୍ୟ ସ୍ୱୟଂ ପରମାତ୍ମା ଅଟେ,ଆଉ ଏକରୁ ନଅ ପର୍ଯ୍ୟନ୍ତ ଯେଉଁଠି ଅଙ୍କର ତତ୍ତ୍ୱ ଅଟେ, ତାକୁ ବୁଝିବା,ସେଥିରେ ବୁଡ଼ିବା ଆଉ ତାକୁ ଅନୁସରଣ କରିବା ପରେ ହିଁ ତାହାର ଦ୍ୱାର ପର୍ଯ୍ୟନ୍ତ ପହଞ୍ଚି ପାରିବା । ନଅର ନିଜର ନିଜସ୍ୱ ବିଶେଷ ମହତ୍ତ୍ୱ ଅଛି । ଆଗ ନଅକୁ ଜାଣ ଆଉ ସେଥିରେ ଉତ୍ତରିଲେ ତା'ପରେ ଶୂନ୍ୟ ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ହୋଇପାରିବ। ନଅ କ'ଣ ? ମାନବ ଶରୀରରେ ନଅ ଦ୍ୱାର ଅଛି-ଦୁଇ ଆଖି,ଦୁଇ କାନ,ଦୁଇ ନାକର ଛିଦ୍ର, ଗୋଟିଏ ମୁହଁ,ଦୁଇ ମଳ-ମୂତ୍ର ତ୍ୟାଗ କରିବାର ଦ୍ୱାର। ନଅ ରତ୍ନ ହେଲା- ହୀରା, ମୋତି, ମାଣିକ,ପନ୍ନା, ମୁଙ୍ଗା, ପୁଖରାଜ,ନୀଲମ, ଗୋମେଜ, ଲହସୁନିଆ । ନଅ ରସ ହେଲା-ଶୃଙ୍ଗାର ରସ,ହାସ୍ୟ ରସ, କରୁଣ ରସ, ରୌଦ୍ର ରସ, ବୀର ରସ, ଭୟ ରସ, ବିଭତ୍ସ ରସ, ଅଦ୍‌ଭୁତ ରସ, ଶାନ୍ତ ରସ । ଧନର ଦେବତା କୁବେରଙ୍କ ଖଜାନାକୁ ନିଧି କୁହାଯାଏ। ଯେଉଁଥିରେ ନଅ ନିଧି ଥାନ୍ତି- ପଣ୍ଡି ନିଧି, ମହାବଡା ନିଧି, ଶଙ୍ଖ ନିଧି, ମକର ନିଧି,କଚ୍ଛପ ନିଧି, ମୁକୁନ୍ଦ ନିଧି,ନନ୍ଦ ନିଧି,ନୀଳ ନିଧି,ଖର୍ବ ନିଧି । ସନାତନ ପୁରାଣର ଅନୁସାରେ ଜମ୍ବୁ ଦୀପରେ ପୃଥୀବୀର କେନ୍ଦ୍ରୀୟ ଅଂଶ ବୋଲି କୁହା ଯାଇଛି। ଯେଉଁଥିରେ ନଅ ବିଶାଳ ଭୁଖଣ୍ଡରେ ବିଭାଜନ କରାଯାଇଛି । ତାହା ହେଲା-ଭାରତ ଖଣ୍ଡ, ଇଳାବୃତ୍ତ ଖଣ୍ଡ, କିମ୍‌ପୁରୁଷ ଖଣ୍ଡ, ହରି ଖଣ୍ଡ, କେତୁମାଳ ଖଣ୍ଡ, ଭଦ୍ର ଖଣ୍ଡ, ହିରଣ୍ୟ ଖଣ୍ଡ, ରମ୍ୟ ଖଣ୍ଡ ଆଉ କୁରୁ ଖଣ୍ଡ। ନବଦୁର୍ଗା ଅର୍ଥାତ୍ ମା' ଶକ୍ତିର ନଅ ରୂପ ଅର୍ଥାତ୍ ମାତା ଦୁର୍ଗାଙ୍କୁ ନଅ ରୂପର ନିଜର ବିଶେଷତା ଅଛି । ଆମେ ଆଦି ଶକ୍ତି ମା' ଭବାନୀ ଦୁର୍ଗାଙ୍କ ନଅ ରୂପର ପୂଜା କରିଥାନ୍ତି । ତାହା ଏହି ପ୍ରକାର- ଶୈଳୀପୁତ୍ରୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ବ୍ରହ୍ମଚାରିଣୀ, ସ୍କନ୍ଧମାତା, କାତାୟାନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ । ଯେଉଁପରି ଏଠାରେ ନଅ ସଂଖ୍ୟାର ଅତି ସୂକ୍ଷ୍ମ ପ୍ରସ୍ତୁତ ବର୍ଣ୍ଣନା କରାଯାଇଛି। ଅତଃ ନଅର ଉପରେ ହିଁ ଶୂନ୍ୟକୁ ପାଇଥାନ୍ତି। ଯଦି ନଅ ପର୍ଯ୍ୟନ୍ତ ନ ପହଞ୍ଚିବ ଆଉ ତାକୁ ଜାଣିବନି, ବିଚାର କରିବନି, ଚିନ୍ତନ କରିବନି ସେ ପର୍ଯ୍ୟନ୍ତ ଶୂନ୍ୟ ଅଥବା ପରମାତ୍ମାଙ୍କ ପର୍ଯ୍ୟନ୍ତ ପହଞ୍ଚିବା ସମ୍ଭବ ନୁହେଁ।

*-ମନୋଜ କୁମାର ବେହେରା*
*ମୋ-୭୯୭୮୮୩୦୬୧୧*

# ଦୁର୍ଗାଙ୍କର ୧୦୮ ନାମ

ଦୁର୍ଗାଙ୍କର ୧୦୮ଟି ନାମ ଅଛି। ସେଗୁଡିକ ହେଲା: ସତୀ,ସାଧ୍ୱୀ, ଭବପ୍ରିତା, ଭବାନୀ, ଭବମୋଚନୀ, ଆର୍ଯ୍ୟା, ଦୁର୍ଗେ, ଜୟା, ଆଧ୍ୟା, ଅଭୟା, ମାୟା, ତ୍ରିନେତ୍ରା, ଶୂଳଧାରିଣୀ, ପିନାକଧାରିଣୀ, ଚିତ୍ରା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଅହଙ୍କାରା, ଚିତ୍ତରୁପା, ଚିତା, ସର୍ବମନ୍ତ୍ରମୟୀ, ସତ୍ତା, ସତ୍ୟାନନ୍ଦସ୍ୱରୁପିଣୀ, ଅନନ୍ତା, ଭାବିନୀ, ଭବ୍ୟା, ଅଭୟା, ସଦାଗତୀ, ସାମ୍ଭାବୀ, ଦେବମାତା, ଚିନ୍ତା, ରତ୍ନପ୍ରିୟା, ସର୍ବବିଦ୍ୟା, ଦକ୍ଷକନ୍ୟା, ଦକ୍ଷଯଜ୍ଞବିନାସିନୀ, ଅପର୍ଣ୍ଣା, ଅନେକବର୍ଣ୍ଣା, ପାଟଳା, ପାଟଳାବତୀ, ପଟାମ୍ବରପରିଧାନା, କଲମଞ୍ଜୀରୀରଞ୍ଜିନୀ, ଅମୟା, ବିକ୍ରମା, କ୍ରୁରା, ସୁନ୍ଦରୀ, ସୁରସୁନ୍ଦରୀ, ବନଦୁର୍ଗା, ମାତଙ୍ଗୀ, ମାତଙ୍ଗମୁନିପୂଜିତା, ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, କୌମାରୀ, ବୈଷ୍ଣବୀ, ଚାମୁଣ୍ଡା, ବାରାହୀ, ଲକ୍ଷ୍ମୀ, ପୁରୁଷାକୃତି, ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ନିତ୍ୟା, ବୁଦ୍ଧିଦା, ବହୁଳା, ବହୁଳାପ୍ରେମା, ସର୍ବବାହନବାହାନା, ନିଶୁମ୍ଭଶୁମ୍ଭହନନୀ, ମହିଷାସୁର ମର୍ଦ୍ଦିନୀ, ମଧୁକୈଟଭହନ୍ତ୍ରୀ, ଚଣ୍ଡମୁଣ୍ଡବିନାଶିନୀ, ସର୍ବସୁର ବିନାଶା, ସର୍ବଦାନବଘାତିନୀ, ସର୍ବଶାସ୍ତ୍ରମୟୀ, ସତ୍ୟା, ସର୍ବଶସ୍ତ୍ରଧାରିଣୀ, ଅନେକ ଶସ୍ତ୍ରହସ୍ତା, ଅନେକାସ୍ତ୍ର ଧାରିଣୀ, କୁମାରୀ, ଏକକନ୍ୟା, କୈଶୋରୀ, ଯୁବତୀ, ଯତିଃ, ଅପ୍ରୌଢା, ପ୍ରୌଢା, ବୃଦ୍ଧମାତା, ବଳପ୍ରଦା, ମହୋଦରୀ, ମୁକ୍ତକେଶୀ, ଘୋରରୂପା, ମହାବଳା, ଅଗ୍ନିଜ୍ୱାଳା, ରୌଦ୍ରମୁଖୀ, କାଳରାତ୍ରିଃ, ତପସ୍ୱିନୀ, ନାରାୟଣୀ, ଭଦ୍ରକାଳୀ, ବିଷ୍ଣୁମାୟା, ଜଳୋଦରୀ, ଶିବଦୂତୀ, କରାଳୀ, ପରମେଶ୍ୱରୀ, କାତ୍ୟାୟନୀ, ସାବିତ୍ରୀ, ପ୍ରତ୍ୟକ୍ଷା ଓ ବ୍ରହ୍ମାବାଦିନୀ









**ନବର ଅର୍ଥ ନଅ। ଅର୍ଣର ଅର୍ଥ ଅକ୍ଷର। ନବାର୍ଣ୍ଣ ମନ୍ତ୍ରଟି ହେଉଛି - ଐଂ ହ୍ଲୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ। ଏହି ମନ୍ତ୍ରର ପ୍ରତ୍ୟେକ ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତିର ପରିଚାୟକ।**

# ଶକ୍ତି ଉପାସନାର ପର୍ବ

ଦୁର୍ଗା ପୂଜା ଶକ୍ତି ଉପାସନାର ପର୍ବ। ଏହା ବିଭିନ୍ନ କୁଳାଚାର ମତେ ଷୋଳଦିନ, ନବଦିନ, ତ୍ରିଦିନ ଧରି ପାଳିତ ହୁଏ । ମୁଖ୍ୟତ ଶରତ ଋତୁର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦଠାରୁ ନବମୀ ବିଶେଷଭାବେ ଦେବୀଙ୍କ ପୂଜନର ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଚୈତ୍ର ଶୁକ୍ଳ ପକ୍ଷ ମଧ୍ୟ ବାସନ୍ତୀ ନବରାତ୍ର ରୂପେ ପରିଚିତ । ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜନ କୁହାଯାଏ । ଦେବୀ ଦୁର୍ଗା ଦୁଃଖନାଶିନୀ । ନବରାତ୍ରୀରେ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହେଇଥାନ୍ତି । ଶାରଦୀୟ ନବରାତ୍ରୀ କାଳରେ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ ସକ୍ରିୟ ଥିବାରୁ ଶକ୍ତି ଉପାସକଙ୍କର କୈଣସି ଅନିଷ୍ଟ ହୁଏନାହିଁ । ଦୁର୍ଗାଙ୍କର ଏହି ନବଶକ୍ତି ଜାଗ୍ରତ କରିବା ପାଇଁ ନବାର୍ଣ୍ଣ ବା ନବାକ୍ଷରୀ ମନ୍ତ୍ର ଜପ କରିବା ପାଇଁ ପରାମର୍ଶ ଦିଆଯାଇଛି । ନବର ଅର୍ଥ ନଅ ।ଅର୍ଣର ଅର୍ଥ ଅକ୍ଷର। ନବାର୍ଣ୍ଣ ମନ୍ତ୍ରଟି ହେଉଛି - ଐଂ ହ୍ଲୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ। ଏହି ମନ୍ତ୍ରର ପ୍ରତ୍ୟେକ ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତିର ପରିଚାୟକ। ଦୁର୍ଗାଙ୍କ ପ୍ରିୟ ରଙ୍ଗ ଲାଲ। ଲାଲ ରଙ୍ଗ ସବୁଠୁ ପ୍ରଖର ଓ ଶକ୍ତି ସମନ୍ୱିତ ।ମଙ୍ଗଳ ଗ୍ରହର ପ୍ରତିକ ଲାଲ ।ଦେବ ଓ ଦାନବଙ୍କ ମଧ୍ୟରେ ଯୁଦ୍ଧ ଚାଲୁଥିବା ବେଳେ ମଙ୍ଗଳ ଗ୍ରହ ଶକ୍ତିରୂପୀ ଦୁର୍ଗାଙ୍କୁ ସହଯୋଗ କରି ସଂହାରକ ଶକ୍ତି ପ୍ରଦାନ କରିଥିଲେ ।ଦାନବଙ୍କୁ ନିରନ୍ତର ସଂହାରକରି ଦୁର୍ଗାଙ୍କ ଆଖି,ସୀମନ୍ତ,ବସ୍ତ୍ର,ଅସ୍ତ୍ରଶସ୍ତ୍ର ସବୁ ରକ୍ତରଞ୍ଜିତ ଅର୍ଥାତ ଲାଲ ରଙ୍ଗ ହେଇଯାଇଥିଲା। ଦେବୀଙ୍କୁ ଲାଲ ରଙ୍ଗର ବସ୍ତ୍ର, ରୋଲି, ଚନ୍ଦନ, ସିନ୍ଦୂର, ଲାଲ ଓଢ଼ଣୀ ଓ ଆଭୂଷଣ ଅର୍ପଣ କରାଯାଇଆସୁଛି। ନବରାତ୍ରି ଅବସରରେ ସର୍ବପ୍ରଥମେ ନବଦୁର୍ଗାଙ୍କୁ ଲାଲ ବସ୍ତ୍ର ଅର୍ପଣ କରାଯାଇଥାଏ।



## ନିଶାମୁକ୍ତ ଭାରତ ଅଭିଯାନ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସଚେତନତା

ଭଦ୍ରକ(ନିପ୍ର): ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କ୍ରମରେ ଭଣ୍ଡାରିପୋଖରୀ ବ୍ଲକର ଥାଇଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବନ୍ତ ବ୍ଲକର ହାସିନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନିଶାମୁକ୍ତ ବିଦ୍ୟାଳୟ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ତମାଖୁ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର ଶାରୀରିକ, ମାନସିକ ଓ ସାମାଜିକ କୁପ୍ରଭାବ ବିଷୟରେ ସଚେତନ କରାଯାଇଥିଲା। ସେହିପରି ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ନିଜ ପରିବାର ଓ ସମାଜ ମଧ୍ୟରେ ନିଶାମୁକ୍ତିର ବାର୍ତ୍ତା ପ୍ରଚାର କରିବାକୁ ଉତ୍ସାହିତ କରାଯାଇଥିଲା। ବିଦ୍ୟାଳୟ ସ୍ତରରୁ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ପଦକ୍ଷେପ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ସହ ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ଭାରତ ଗଠନରେ ନିଶ୍ଚିତ ଭାବେ ସହାୟକ ହେବ।

## ନବୀନ ପଟ୍ଟନାୟକଙ୍କ ୮୦ତମ ଜନ୍ମଦିନରେ ମନ୍ଦିରରେ ସାମୂହିକ ଦୀପ ପ୍ରଜ୍ୱଳନ

ସାଲେପୁର,(ନିପ୍ର): ସାଲେପୁର ବିଜ୍ଞାପିତ ଅଞ୍ଚଳ ବିଜେଡି ପକ୍ଷରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୮୦ତମ ଜନ୍ମଦିନ ଅବସରରେ ମନ୍ଦିରରେ ପୂଜାର୍ଚ୍ଚନ ଓ ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଛି । ଶୁକ୍ରବାର ସନ୍ଧ୍ୟାରେ ସାଲେପୁର ବିଜ୍ଞାପିତ ଅଞ୍ଚଳ ବିଜେଡି ସଭାପତି ନବ କିଶୋର କରଙ୍କ ତତ୍ତ୍ୱାବଧାନରେ ମାଁ ସାହେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯାଇ ସାମୂହିକ ଭାବେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଓଡିଶାବାସୀଙ୍କ ପ୍ରିୟ ଜନନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥ ନିରାମୟ ଦୀର୍ଘ ଜୀବନ କାମନା କରି ମା'ଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଲେପୁର ବିଜ୍ଞାପିତ ଅଞ୍ଚଳ ବିଜେଡି କାର୍ଯ୍ୟକାରୀ ସଭାପତି ଅଶ୍ୱନୀ କୁମାର ଦାସ, ସାଧାରଣ ସମ୍ପାଦକ ବିଜୟ ପୃଷ୍ଟି, ବିଜେଡି ଯୁବନେତା ବିରଞ୍ଚି ନାରାୟଣ କର,ପବିତ୍ର ସାମଲ, ସନାତନ ସାହୁ, କୈଳାସ ବେହେରା,ଯାଦୁନାଥ ମହାପାତ୍ର, ବୀର କିଶୋର ନାୟକ, ସରୋଜ ଦୀକ୍ଷିତ,ନିରଞ୍ଜନ ପାଳ, ରାମଚନ୍ଦ୍ର ଦାଶ, ପ୍ରକାଶ ମଲ୍ଲିକଙ୍କ ସମେତ ବହୁ ନବୀନ ପ୍ରେମୀ ଯୋଗଦେଇ ଥିଲେ ।

## ସିଆରଆରଆଇରେ ହିନ୍ଦୀ ଚେତନା ମାସର ପୁରସ୍କାର ବିତରଣ ସମାରୋହ

କଟକ(ନିପ୍ର): କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକରେ ଶୁକ୍ରବାର ହିନ୍ଦୀ ଚେତନା ମାସର ସମାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ୧୪ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲା ଏବଂ ୧୩ ଅକ୍ଟୋବର ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ଯେଉଁଥିରେ ପ୍ରତିଷ୍ଠାନର ବୈଜ୍ଞାନିକ ଏବଂ ବୈଷୟିକ ଏବଂ ପ୍ରଶାସନିକ କର୍ମଚାରୀମାନେ ବିଭିନ୍ନ ହିନ୍ଦୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜି ଏ କେ କୁମାର ସମାପନୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ନିର୍ଦ୍ଦେଶକ ବିଜେତାମାନଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ ଏବଂ ପ୍ରତିଷ୍ଠାନର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଦୈନନ୍ଦିନ ସରକାରୀ କାର୍ଯ୍ୟ ହିନ୍ଦୀରେ କରିବାକୁ ଉତ୍ସାହିତ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ଭି ଗଣେଶ କୁମାର ସରକାରୀ ଭାଷାକୁ ସାମ୍ବିଧାନିକ ଦାୟିତ୍ୱ ଭାବରେ ଗ୍ରହଣ କରି ପ୍ରତିଷ୍ଠାନରେ ସରକାରୀ ଭାଷାର ବିକାଶ ପାଇଁ ସମସ୍ତଙ୍କୁ ସେମାନଙ୍କର ଅବଦାନ ଦେବାକୁ ଉତ୍ସାହିତ କରିଥିଲେ। ସହକାରୀ ନିର୍ଦ୍ଦେଶକ, ସରକାରୀ ଭାଷା ଦେବେନ୍ଦ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିକଶିତ ଭାରତ ସଂକଳ୍ପ ସଭା

ଭଦ୍ରକ,(ନିପ୍ର): ବିକଶିତ ଭାରତ ସଂକଳ୍ପ ସଭା ଅବସରରେ ସେବା ଜ୍ୟୋତି କଳସ ଯାତ୍ରା, ଜଳାଭିଷେକ ଓ ପାରମ୍ପରିକ ପାଲା ପରିବେଷଣ ସହିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଆଜି ସହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୫ ଜଣ ମହିଳା ସାଳନ୍ଦୀ ଘାଟରୁ କଳସ ଧରି ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ମନ୍ଦିରରେ ବିଧିବଦ୍ଧ ଭାବେ ଜଳାଭିଷେକ କରାଯାଇଥିଲା। ପରେ ପାରମ୍ପରିକ ପାଲା ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏଥିପାଇଁ ରାଜ୍ୟସ୍ତରରୁ ପାଲା କଳାକାରମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଗୃହ ଏବଂ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଝାରସୁଗୁଡ଼ାରେ ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପରିବହନ ପ୍ରକଳ୍ପ ଲୋକାର୍ପିତ

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ଜିଲ୍ଲାର ପରିବହନ ଓ ଗମନାଗମନ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ତଥା ଯାତ୍ରୀ-ଅନୁକୂଳ କରିବା ଲକ୍ଷ୍ୟରେ ଆଜି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାର ବେଲପାହାଡ଼ଠାରେ ୧୭ କୋଟି ୭୭ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡର ଭବ୍ୟ ଲୋକାର୍ପଣ ସମ୍ପନ୍ନ ହୋଇଥିବା ବେଳେ ଲଖନପୁରଠାରେ ୯ କୋଟି ୪୦ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହିତ ଆଞ୍ଚଳିକ ଯୋଗାଯୋଗକୁ ସୁଗମ କରିବା ପାଇଁ କିରମିରାରୁ ଲଇକେରା ଓ ଝାରସୁଗୁଡ଼ା ଦେଇ ଲଖନପୁର ପର୍ଯ୍ୟନ୍ତ ନୂତନ 'ଏମବିଏସ୍' ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ସମାରୋହରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପଗୁଡ଼ିକର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ଏଥିସହ ଏହି ଅବସରରେ ବରେଣ୍ୟ ଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଓଏସ୍‌ଆରଟିସିର ଜେନେରାଲ୍ ମ୍ୟାନେଜର ସୁନ୍ଦର ମାଧବ ପାଢ଼ୀ, ଜିଲ୍ଲା ପରିଷଦର ସିଡିଓ ତଥା ଇଓ ବିଶ୍ୱରଞ୍ଜନ ନାୟକ, ଝାରସୁଗୁଡ଼ା ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଓ ବିପୁଳ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଦୁଇଟି ପ୍ରମୁଖ ବସ୍‌ଷ୍ଟାଣ୍ଡ ଏବଂ ନୂତନ ବସ୍ ମାର୍ଗ କାର୍ଯ୍ୟକ୍ଷମ ହେବା ଫଳରେ ଜିଲ୍ଲାର ବ୍ଲକଗୁଡ଼ିକ ମଧ୍ୟରେ ଯାତାୟାତ ବ୍ୟବସ୍ଥା ଅତ୍ୟନ୍ତ ସୁଗମ ହେବ। ଗ୍ରାମାଞ୍ଚଳ ସହିତ ସହରାଞ୍ଚଳର ସିଧାସଳଖ ସଂଯୋଗ ସ୍ଥାପନ ହେବା ଦ୍ୱାରା ଦୈନନ୍ଦିନ ଯାତ୍ରୀ, ଛାତ୍ରଛାତ୍ରୀ ତଥା ବ୍ୟବସାୟୀମାନେ ବିଶେଷ ଭାବରେ ଉପକୃତ ହେବେ ଏବଂ ଆଞ୍ଚଳିକ ଅର୍ଥନୀତିରେ ମଧ୍ୟ ଏକ ନୂତନ ଗତି ସଞ୍ଚାର ହେବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ଅବସରରେ କହିଥିଲେ ଯେ,'ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ସୁଲଭ, ସୁରକ୍ଷିତ ଓ ଆଧୁନିକ ପରିବହନ ସେବା ପହଞ୍ଚାଇବା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପ୍ରାୟ ୧୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ବେଲପାହାଡ଼ ଅଟଳ ବସ୍‌ଷ୍ଟାଣ୍ଡ ଏବଂ ଲଖନପୁରରେ ନିର୍ମାଣ ହେବାକୁ ଥିବା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳର ରୂପରେଖ ବଦଳାଇବ। କିରମିରାରୁ ଲଖନପୁର ପର୍ଯ୍ୟନ୍ତ ନୂତନ ବସ୍ ସେବା ଜନସାଧାରଣଙ୍କ ଦୈନନ୍ଦିନ ଯାତାୟାତକୁ ଅଧିକ ସହଜ କରିବ।' ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, 'ଝାରସୁଗୁଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର। ଏହାର ସର୍ବାଙ୍ଗୀଣ ବିକାଶ ପାଇଁ ସୁଦୃଢ଼ ଯୋଗାଯୋଗ ଭିତ୍ତିଭୂମି ଅପରିହାର୍ଯ୍ୟ। ଅଟଳ ବସ୍‌ଷ୍ଟାଣ୍ଡ କେବଳ ଏକ ଟର୍ମିନାଲ୍ ନୁହେଁ, ବରଂ ଏହା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ସଶକ୍ତ ମାଧ୍ୟମ। ଜନସାଧାରଣଙ୍କ କଲ୍ୟାଣ ଲାଗି ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।'ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ଏହି ଅବସରରେ କହିଥିଲେ ଯେ, 'ପଶ୍ଚିମ ଓଡ଼ିଶାର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନିରନ୍ତର ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି।

## ଅଗ୍ନି ବିପନ୍ନ ପରିବାରଙ୍କୁ ସହାୟତାର ହାତ ବଢ଼ାଇଲା କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ



ରାଜନଗର,(ନିପ୍ର): ସର୍ବସ୍ୱ ହରାଇଥିବା ତିନୋଟି ପରିବାରଙ୍କୁ ସହାୟତାର ହାତ ବଢ଼ାଇଛି କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ। ରାଜନଗର ବ୍ଲକ ଅନ୍ତର୍ଗତ ମହିଷାସୁର ଗ୍ରାମ ପଞ୍ଚାୟତର ତରପଦା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ସମସ୍ତ ଆସବାବପତ୍ର ଓ ଘରୋଇ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା। ସୂଚନା ଅନୁଯାୟୀ, ସନ୍ଧ୍ୟାଦୀପରୁ ନିଆଁ ଲାଗି ଅଗ୍ନିକାଣ୍ଡ ଘଟିଥିବା ବେଳେ ଦୁଇଟି ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ନିଆଁର ପ୍ରକୋପରେ ବିପନ୍ନ ପରିବାରଗୁଡ଼ିକ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିପାରିନଥିଲେ। ଫଳରେ ସେମାନେ ନିଜ ଘର ହରାଇ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ପ୍ରମୋଦ କୁମାର ସାହୁ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ଅଗ୍ନିକାଣ୍ଡ ସମ୍ପର୍କରେ ପଚାରି ବୁଝିବା ସହ ବ୍ୟାଙ୍କ ପକ୍ଷରୁ ପ୍ରତି ପରିବାରକୁ ନଗଦ ୫ ହଜାର ଟଙ୍କା, ଚାଉଳ, ଅଟା, ଅନ୍ୟାନ୍ୟ ଗ୍ରୋସରି ସାମଗ୍ରୀ ଏବଂ ପୋଷାକ ପ୍ରଦାନ କରିଥିଲେ। ବ୍ୟବସାୟିକ କାର୍ଯ୍ୟକଳାପ ସହିତ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା ଯୋଗାଇ ଆସୁଥିବା କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ଏହି ମାନବିକ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ନୀଳମାଧବଙ୍କ ମନ୍ଦିରରେ ନତଃ ବ୍ରତ ଉତ୍ସବ ଆରମ୍ଭ

କଣ୍ଟିଲୋ,(ନି.ପ୍ର): ଶ୍ରୀ ଜଗନ୍ନାଥ ଧାମର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ କ୍ଷେତ୍ରରେ ଆଜି 'ନତଃ ବ୍ରତ' ଉତ୍ସବର ଶୁଭ ଉଦ୍‌ଘାଟନ ଅବସରରେ ବିରାଟ ଏକ ଶୋଭାଯାତ୍ରା ଶ୍ରୀ ନୀଳମଧବ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରି ଶ୍ରୀ ଜୀଉଙ୍କ ଯାତ୍ରା ପଡିଆ ଠାରେ ପହଁଞ୍ଚି ଥିଲା। ସେଠାକୁ ଶ୍ରୀ ରାଧା, ଲଳିତା, ବିଶାଖା, ଚିତ୍ରା, ଇନ୍ଦୁରେଖା, ଚମ୍ପକ ଲତା, ଶ୍ରୀଦେବୀ, ରଙ୍ଗ ଦେବୀ ଆଦି ଅଷ୍ଟ ସଖୀ ମାନେ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ଆଶୁତୋଷ ଶିବଙ୍କୁ ଉପାସନା କରିଥିଲେ। ପ୍ରଭୁ ଶିବ ଗୋପାଙ୍ଗାନାମାନଙ୍କ ପୂଜାରେ ସନ୍ତୋଷ ପ୍ରକାଶ କରି ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ଏକ ମାସ ପର୍ଯ୍ୟନ୍ତ ଯମୁନା ନଦୀ ସ୍ୱରୂପ ପୁଣ୍ୟତୋୟା ମହାନଦୀ ତଟରେ ମାନସିକ ପୂଜା କରିବାପାଇଁ ବର ଦେଇଥିଲେ। ଏକ ମାସ ପୂର୍ଣ୍ଣ ହେବା ପରେ ଶ୍ରୀକୃଷ୍ଣଙ୍କ ସହିତ ଭେଟ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ରାଧା ଭୂମିକାରେ ଆଶୁତୋଷ ମିଶ୍ର ଅଭିନୟ କରିଥିଲା ବେଳେ ଅନ୍ୟାନ୍ୟ ଭୂମିକାରେ ସାଇପ୍ରସାଦ ସାହୁ, ଆୟୁଷ୍ମାନ ବିଶ୍ୱାଳ, ଚନ୍ଦ୍ରକାନ୍ତ ଧଳ, ଶ୍ରୀୟାଂଶୁ ବେହେରା, ଶିବ ଶଙ୍କର ବେହେରା, ବିଶ୍ୱ ରଞ୍ଜନ ସାହୁ, ରାହୁଲ ବାରିକ, ପ୍ରଭୁଦତ୍ତ ଦାଶ, ଓମ ସାଇରାମ ସାହୁ ଓ ବିଶ୍ୱରଞ୍ଜନ ନାୟକ ଅଂଶ ଗ୍ରହଣ କରିଥିଲେ ।

## ସାତପଡ଼ା ପଞ୍ଚାୟତରେ ସଚେତନତା ଅଭିଯାନ
# ଡାହାଣୀ ପ୍ରଥାର ବିଲୋପ ଏକ ସୁସ୍ଥ ସମାଜର ପରିଚୟ




ସାତପଡା/ପୁରୀ(ନିପ୍ର): ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ କୃଷ୍ଣ ପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ପ୍ରଥା ବିରୁଦ୍ଧରେ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୁଣା ସମୟରେ ଶିକ୍ଷାର ଅଭାବ,କୁସଂସ୍କାର,ଚିକିତ୍ସାର ଅଭାବ, ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା। ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁଁ ଏହା ହ୍ରାସ ପାଇଛି ସତ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଡାହାଣୀ ପ୍ରଥାକୁ ସମାଜରୁ ଉଚ୍ଛେଦ ପାଇଁ ଆଇନଗତ ଅନେକ ବ୍ୟବସ୍ଥା ରହିଛି। ଦଣ୍ଡ ଓ ଜୋରିମାନା ବ୍ୟବସ୍ଥା ରହିଛି। ଏହାକୁ ସଠିକ ଭାବେ କାର୍ଯ୍ୟକାରିତା କରିବା ସହ ସମସ୍ତଙ୍କ ଉଦ୍ୟମରେ ସମସ୍ତଙ୍କୁ ସଚେତନ କରାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଡାହାଣୀ, ଗୁଣିଆ, ଭୂତ,ପ୍ରେତ ଇତ୍ୟାଦି କାଳ୍ପନିକ ଚରିତ୍ର ଓ ଘଟଣା ଗୁଡିକ ସମାଜର ଅନେକ କ୍ଷତି ସାଧନ କରୁଛନ୍ତି। ଏହା ଶିକ୍ଷା ଓ ସଚେତନତାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଘଟୁଛି। ଏହି କଳଙ୍କିତ ପ୍ରଥାକୁ ସମାପ୍ତ କରିବା କ୍ଷେତ୍ରରେ ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ।

## ଜିଲ୍ଲାସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' ଉଦ୍‌ଯାପିତ

କଟକ(ନିପ୍ର): ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ଅନ୍ତେବାସୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଓ ପ୍ରସ୍ଫୁଟନ ଲକ୍ଷ୍ୟରେ ଆୟୋଜିତ କଟକ ଜିଲ୍ଲାସ୍ତରୀୟ ଦୁଇଦିନିଆ 'ଉତ୍ସାହ ଓ ମହକ-୨୦୨୬' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଜିଲ୍ଲାର ୧୩ଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ହେଉଛି ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର ପିତାମାତା ସଦୃଶ। ଅନ୍ତେବାସୀମାନେ ନିଜ ନିଜର ଦକ୍ଷତା ଓ ରୁଚି ଅନୁସାରେ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ଉଚିତ। ଏଥିପାଇଁ ଆବଶ୍ୟକ ସମସ୍ତ ସହଯୋଗ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଯେକୌଣସି ସମୟରେ କୌଣସି ସମସ୍ୟା ଉପୁଜିଲେ, ସେମାନେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିପାରିବେ ବୋଲି ସେ ଆଶ୍ୱାସନା ଦେଇଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା, ପ୍ରବନ୍ଧ ଲିଖନ ସମେତ ଫୁଟବଲ, କ୍ୟାରମ୍, ଲଙ୍ଗ ଜମ୍ପ ଓ ହାଇ ଜମ୍ପ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'



ବାଙ୍କୀ,(ନିପ୍ର): ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ଲକ୍ଷ୍ୟରେ ବାଙ୍କୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ବୈଦେଶ୍ୱର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉଦୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ମହୋତ୍ସବରେ ବାଙ୍କୀ ବ୍ଲକର ୧୦ଟି କ୍ଲଷ୍ଟରରୁ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ମହୋତ୍ସବର ଉଦଘାଟନୀ ଉତ୍ସବରେ ସୋମନାଥ ଖଟୁଆ ମଞ୍ଚ ପରିଚାଳନା କରିଥିବା ବେଳେ ଉମାକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ୍ ଶିକ୍ଷାଧିକାରିଣୀ ଜ୍ୟୋତି ଷଡ଼ଙ୍ଗୀ ସଭାରେ ଅଧ୍ୟକ୍ଷତା କରିଥିଲେ। ସାଂସଦଙ୍କ ପ୍ରତିନିଧି ଜୟନ୍ତ ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଫକୀର ଚରଣ ଦେଉରୀ, ମକର ମହାରଣା, ଡ. ଚିତ୍ତରଞ୍ଜନ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସିଂହ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନୋଜ କୁମାର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବ ଶେଷରେ ସିଆରସିସି ସୁକାନ୍ତ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ ବୈଠକ

କଟକ(ନିପ୍ର): ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତକୁ ୨୦୨୯ ସୁଦ୍ଧା ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ଅକ୍ଟୋବରରୁ ୧୪ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ୪୪ ଦିନିଆ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଭିତ୍ତିକ ସଚେତନତା ଅଭିଯାନ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଶିଶୁ ଓ କିଶୋର ଶ୍ରମ ନିଷେଧ ଆଇନ, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ବୈଠକ ଆୟୋଜିତ ହୋଇଯାଇଛି । ବୈଠକରେ ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ପାଇଁ ଶପଥପାଠ କରାଯାଇଥିଲା। ଗ୍ରାମୀଣ ସ୍ତରରେ ଜନସାଧାରଣଙ୍କୁ ସଚେତନ କରିବା ସହ ଶିଶୁ ଶ୍ରମମୁକ୍ତ ଗ୍ରାମ ଗଠନ ଦିଗରେ ସମସ୍ତେ ନିଜ ନିଜ ସ୍ତରରେ ଦାୟିତ୍ୱବାନ ଭୂମିକା ନିର୍ବାହ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ । ଶିଶୁମାନଙ୍କୁ ଶୋଷଣମୁକ୍ତ ପରିବେଶ ପ୍ରଦାନ କରିବା ଏବଂ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଶାସନ ସହିତ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନର ସକ୍ରିୟ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ । ଏହି ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଶିଶୁ ମଙ୍ଗଳ କମିଟି ଚେୟାରମ୍ୟାନ ମାନସ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ନିଃସହାୟ ବୃଦ୍ଧବୃଦ୍ଧାଙ୍କ ଜୀବନ ବିତୁଛି ଗାଁ କୋଠଘରେ



ବୋଲଗଡ଼,(ନିପ୍ର): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଂଚାୟତ ସଂପୁର ଗ୍ରାମର ନିଃସହାୟ ବୃଦ୍ଧ ବୃଦ୍ଧାଙ୍କ ଜୀବନ ବିତୁଛି ଗାଁ କୋଠ ଘରେ ।ଯେଉଁ ଖଣ୍ଡିଆ ଖବରା ମାଟି କାନ୍ଥ ଘେରା ଘରେ ବୃଦ୍ଧବୃଦ୍ଧା ଢୋକେ ପିଇ ଦଣ୍ଡେ ଜିଇଁ ଜୀବନ ବିତାଉ ଥିଲେ,ଦାଉ ସାଧିଲା ଗତ ଲଗାଣ ବର୍ଷା ।ଲଗାଣ ବର୍ଷାରେ ଘରଟି ଭାଙ୍ଗିରୁଜି ଯାଇଥିବା ସହ ମାଟି କାନ୍ଥଟି ସମ୍ପୂର୍ଣ୍ଣ ଫାଟି ଆଁ କରିଛି, କେତେବେଳେ ଯେ କଣ ଅଘଟଣ ଘଟି ମୃତ୍ୟୁକୁ ଆମନ୍ତ୍ରଣ ନକରିବ ଏହା କେହି କହି ପାରିବେ ନାହିଁ ।ଫଳରେ ଭଙ୍ଗା ଘର ହେତୁ ଟିକିଏ ଆଶ୍ରୟ ପାଇଁ ଉଭୟ ରୋଗିଣା ବୃଦ୍ଧା ମାଳତୀ ଓ ବୃଦ୍ଧ ସ୍ୱାମୀ ବ୍ରଜବନ୍ଧୁ ଓଝା ବେସାହାରା ହୋଇପଡିଛନ୍ତି ।ତେବେ ତାଙ୍କ ନାମ ସରକାରୀ ଆବାସ ଯୋଜନାରେ ସାମିଲ ନଥିବା ହେତୁ ଯୋଜନାରୁ ବଂଚିତ ହୋଇଛନ୍ତି । ଅନ୍ୟପଟେ ନିଃସହାୟ ବୃଦ୍ଧ ଦମ୍ପତି ଗାଁ କୋଠ ଘରେ ଆଶ୍ରୟ ନେଇ ଥିବାର ବୃଦ୍ଧବୃଦ୍ଧା ଦମ୍ପତି ଦୁଃଖର ସହିତ ଗଣ ମାଧ୍ୟମ ନିକଟରେ କହିଛନ୍ତି ।ସରକାରୀ ଆବାସ ଯୋଜନାରେ ପକ୍କା ବାସଗୃହ ଯୋଗାଇ ଦେବାକୁ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁଙ୍କୁ ଲିଖିତ ଜଣାଇ ନେହୁରା ହୋଇଛନ୍ତି ।ତେବେ ମଣ୍ଡଳ ଉନ୍ନୟନ ଅଧିକାରୀ ଏ ସମ୍ପର୍କରେ ସରକାରୀ ତଦନ୍ତ କରିବି ବୋଲି ପ୍ରତିକ୍ରିୟା ରଖିଛନ୍ତି ।

# ୫ ଦିନ ହେଲା ରାଇଲ୍ ଅଙ୍ଗନୱାଡ଼ି କେନ୍ଦ୍ରରେ ପଡ଼ିଛି ତାଲା
## ନିଯୁକ୍ତି ବିବାଦକୁ ନେଇ ଅଭାବନୀୟ ସ୍ଥିତି, ପ୍ରଶାସନ ଚୁପ୍ !



ରେଢ଼ାଖୋଲ,(ନିପ୍ର): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ସହିତ ଗର୍ଭବତୀ ଏବଂ ଶିଶୁଙ୍କ ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି। କିନ୍ତୁ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଘୋସରାମାଳ ପଞ୍ଚାୟତ ଅନ୍ତର୍ଗତ ରାଇଲ୍ ଗାଁରେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିଯୁକ୍ତି ବିବାଦକୁ କେନ୍ଦ୍ର କରି ରାଇଲ୍ ଗ୍ରାମବାସୀ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଥିବାବେଳେ ଆଜକୁ ୫ ଦିନ ହେବ କେନ୍ଦ୍ରଟି ବନ୍ଦ ରହିଛି। ଫଳରେ କେନ୍ଦ୍ରର ମୌଳିକ ଶିକ୍ଷା, ପାଠପଢ଼ା ଏବଂ ପୁଷ୍ଟିକର ରନ୍ଧା ଖାଦ୍ୟରୁ ୧୩ଜଣ କୁନି କୁନି ଶିଶୁମାନେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା ୯୪୯ ଏବଂ ଗତ ୫.୧୦.୨୦୨୬ ରିଖର ନିର୍ଦ୍ଦେଶକ୍ରମେ ଗତ ୬.୧୦.୨୦୨୬ ରିଖରେ ରାଇଲ୍ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ଜଣୈକଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବରେ ଆନୁଷ୍ଠାନିକ ଭାବେ ନିଯୁକ୍ତି ମିଳିଥିଲା। ନିଯୁକ୍ତି ପାଇବା ପରେ ସେ ପ୍ରତିଦିନ କେନ୍ଦ୍ରକୁ ଆସୁଥିଲେ ମଧ୍ୟ ଗାଁର ବିରୋଧ ଯୋଗୁଁ କେନ୍ଦ୍ରକୁ ପାଠ ପଢ଼ିବାକୁ ଶିଶୁଙ୍କୁ ଛାଡୁନାହାନ୍ତି ଓ ତାଲା ପକାଇ ରଖିଛନ୍ତି ସ୍ଥାନୀୟ ଲୋକେ। ଭିତରେ ପାଠ ପଢ଼ାଇ ନପାରି ବାହାରେ ମସିଣା ପକାଇ ମାତ୍ର ଜଣେ ଶିଶୁକୁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପାଠ ପଢ଼ାଉଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ରହିଛି ଯେ, ରାଇଲ୍ ଗାଁରେ ଅଧିକାଂଶ ଲୋକ ଶିକ୍ଷିତ ଏବଂ ଏହି ପଦବୀ ପାଇଁ ଗାଁର ଯୋଗ୍ୟ ମହିଳାମାନେ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ବାଦ ଦିଆଯାଇ ଗାଁ ବାହାର ଜଣେ ଯୁବତୀଙ୍କୁ କର୍ମୀ ଭାବେ କିପରି ନିଯୁକ୍ତି ଦିଆଗଲା। ଏନେଇ ପୂର୍ବରୁ ଅଭିଯୋଗ କରାଯାଇଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିଲା। ଫଳରେ କ୍ଷୁବ୍ଧ ହୋଇ ଗ୍ରାମବାସୀ କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି । ଗ୍ରାମବାସୀଙ୍କ ସ୍ପଷ୍ଟ ଜିଦ୍ ରହିଛି ଯେ, ଉକ୍ତ ନବନିଯୁକ୍ତ କର୍ମୀଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଉ ଏବଂ ପୁନର୍ବାର ବିଜ୍ଞପ୍ତି ପ୍ରକାଶ କରି ଗାଁର ଜଣେ ଶିକ୍ଷିତ ମହିଳାଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଉ। ପ୍ରଶାସନ ଏହାର ସ୍ଥାୟୀ ସମାଧାନ ନ କଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଏଭଳି ତାଲା ପଡ଼ି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଲେ କର୍ମୀ ଓ ପାଚିକା। ଅନ୍ୟପକ୍ଷରେ ନବନିଯୁକ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ପାଚିକା କହିଛନ୍ତି ଯେ, ପ୍ରଶାସନ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ। କେନ୍ଦ୍ରର ତାଲା ଖୋଲିଲେ ପିଲାମାନେ ପାଠ ପଢ଼ିବା ସହ ରନ୍ଧା ଖାଦ୍ୟ ପାଇ ଉପକୃତ ହୋଇପାରିବେ। ଏହି ସମ୍ପର୍କରେ ନବନିଯୁକ୍ତ କର୍ମୀଙ୍କ ପରିବାର ପକ୍ଷରୁ ରେଢ଼ାଖୋଲ ଉପଜିଲ୍ଲାପାଳ ପବନ କୁମାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଗାଁ ଲୋକେ ଏହାକୁ ବିରୋଧ କରୁଛନ୍ତି। ତେବେ ଗାଁ ଲୋକେ ଏହି ଜାତିଭେଦ ଆକ୍ଷେପକୁ ଦୃଢ଼ ଭାବରେ ଖଣ୍ଡନ କରି କେବଳ ସ୍ଥାନୀୟ ଶିକ୍ଷିତ ମହିଳାଙ୍କୁ ନିଯୁକ୍ତି ଦାବି କରିଛନ୍ତି। ବର୍ତ୍ତମାନ ପ୍ରଶାସନ ଏହି ଜଟିଳ ସମସ୍ୟାର କିପରି ସମାଧାନ କରୁଛି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

ତିଥି :(ଷଷ୍ଠୀ): (ମୂଳା ଧନୁ)
ଅମୃତ ବେଳା: ଦିବା ଘ ୬।୩୩ ମଧ୍ୟେ ଘ୭।୨୧ଗତେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର।।
- ଶ୍ରୀମଦ୍ ଭଗବଦ୍ ଗୀତା

# 'ବାଟ ଗଢ଼ିବା'

ଦୁର୍ଜୟ ଥିଲା ଆଲପସ୍‌ର ପର୍ବତମାଳା। ତେବେ ତାହାକୁ ପାର୍ ହେବା ପାଇଁ ଦୃଢ ସଂକଳ୍ପ ନେଇଥିବା ଯୁବକ ଜଣକ ଚାହିଁଲେ ପାରିପାର୍ଶ୍ୱିକ ଅନୁଭୂତି ସାଉଁଟିବେ। ଏହା ଇଚ୍ଛା କରି ପର୍ବତମାଳାର ପାଦଦେଶରେ ରହୁଥିବା ଜଣେ ବୃଦ୍ଧାଙ୍କୁ ଭେଟିଲେ। ନିଜର ଲକ୍ଷ୍ୟ ସାଧନ ପାଇଁ ତାଙ୍କ ଠାରୁ ଉଚିତ ଦିଗ୍‌ଦର୍ଶନ ଆଶା କଲେ। କହିଲେ - ମା, ନିଜର ସୈନ୍ୟସାମନ୍ତ ସହ ଏହି ପର୍ବତର ଆରପାରିକୁ ଯିବାକୁ ମୁଁ ଚାହୁଁଛି। ମୋର ମନେହୁଏ ଯେହେତୁ ଦୀର୍ଘବର୍ଷ ହେବ ଏଠାରେ ରହିଆସୁଛନ୍ତି ତେଣୁ କିଛି ସୁଗମ ମାର୍ଗ ମୋତେ ବତାଇଦିଅନ୍ତୁ। ବୃଦ୍ଧା ଜଣଙ୍କ ସାମାନ୍ୟ ହସିଲେ। ତଥାପି ମା'ର ଦରଦୀ ହୃଦୟ ନେଇ କହିଲେ - ପୁଅରେ, ତୋ ପୂର୍ବରୁ ଏଠାକୁ ଅନେକ ଏହି ଉଦ୍ଦେଶ୍ୟ ନେଇ ଆସି ପ୍ରୟାସ କରିଛନ୍ତି ଓ ଅସଫଳ ହୋଇଛନ୍ତି। ଏହାଠୁ ବରଂ ଭଲ ହେବ ଯେପରି ଆସିଛୁ, ସେପରି ଫେରିଯା'। ଯୁବକ ଜଣକ ଏପରି ଉତ୍ତରରେ ବିଚଳିତ କି ମ୍ରିୟମାଣ ହୋଇନଥିଲେ। ବରଂ ତାଙ୍କ ଆଖିରେ ଥିଲା ନୂଆ ଚମକ। ଉତ୍ତର ଦେଲେ - ମା' ଅଧିକ ସତର୍କ ଓ ସୁବ୍ୟବସ୍ଥିତ ଢଙ୍ଗରେ ପର୍ବତ ପାର୍ ହେବା ପାଇଁ ଯୋଜନା କରିବି ଓ ନିଶ୍ଚୟ ବିଜୟପ୍ରାପ୍ତ ହେବି। ଏ ଦୃଢ ବିଶ୍ୱାସ ମୋ ଭିତରେ ବେଳକୁ ବେଳ ଜାଗି ଉଠୁଛି।

ବୃଦ୍ଧା ଜଣକ ଏପରି ସଂକଳ୍ପ, ଦୃଢ ବିଶ୍ୱାସ ଓ ଅଟଳ ଲକ୍ଷ୍ୟ ଥିବା ଯୁବକଙ୍କୁ ଦେଖି ଉତ୍ସାହିତ ହେଲେ ଓ କହିଲେ- ବୀର କେବେ ହାର୍ ମାନେନା। ପ୍ରତିକୂଳ ପରିସ୍ଥିତି ପ୍ରତି ଭୟଭୀତ ହୁଏନା। ମୁଁ ଆଶୀର୍ବାଦ କରୁଛି ପୁଅ, ତୁ ବିଜୟୀ ହୁଅ।

ପରବର୍ତ୍ତୀ ସମୟରେ ଯୁବକ ଜଣକ ଫ୍ରାନସର ସମ୍ରାଟ ଭାବରେ ଉଭା ହୋଇଥିଲେ। ସେ ଥିଲେ ନେପୋଲିୟନ ବୋନାପାର୍ଟ ।

ଯୁବ ନେତୃତ୍ୱରେ ଦୃଢ଼ ସଂକଳ୍ପ ତଥା ଅଦମନୀୟ ଲକ୍ଷ୍ୟ କେବେ ବ୍ୟର୍ଥ ଯାଏନା। ସଦ୍ୟ ଛାତ୍ର ସଂସଦ ନିର୍ବାଚନ ପରେ ଆମ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଉଭା ହୋଇଥିବା ଯୁବ ନେତୃବୃନ୍ଦଙ୍କ ଆଗରେ ନିଜ ନିଜ ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନରେ କେତେ କର୍ତ୍ତବ୍ୟପରାୟଣତା ପ୍ରଦର୍ଶନ କରୁଛନ୍ତି ଓ ଲକ୍ଷ୍ୟ ହାସଲ ପାଇଁ କେତେ ଉଦ୍ୟମ କରୁଛନ୍ତି ତାହା ଉପରେ ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଆଶା ନିଶ୍ଚୟ ଉଦ୍‌ଜୀବିତ ହୋଇରହିବ। ଭଲ ଛାତ୍ର ନେତା ନିଜ କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ରକ୍ଷା ପ୍ରତି ଗୁରୁତ୍ୱ ଦିଅନ୍ତି ଓ ବିକାଶମୁଖୀ ହୁଅନ୍ତି। ସାଂଗଠନିକ ବା ଦଳୀୟ ସଂକୀର୍ଣ୍ଣତାର ମୋହ ଫାଶରେ ପଡ଼ନ୍ତି ନାହିଁ। ଛାତ୍ରଛାତ୍ରୀଙ୍କ ପାଇଁ ଯାବତୀୟ କଲ୍ୟାଣମୁଖୀ କାର୍ଯ୍ୟରେ ନିଜକୁ ନିୟୋଜିତ ରଖନ୍ତି। ଜଣେ ସଚେତନ ତଥା ସଂଯତ ନାଗରିକ ଭାବରେ ଅପରପ୍ରତି ବ୍ୟବହାର ଓ ଆଚରଣ କରନ୍ତି। ଯେପରି ଲୋକମାନଙ୍କ ମଧ୍ୟରେ ନିକଟବର୍ତ୍ତୀ ହେଉଥିବା ବା ପାଖରେ ପହଞ୍ଚୁଥିବା ନେତା ବିକାଶ ଆଧାରରେ ଲୋକପ୍ରିୟତା ହାସଲ କରନ୍ତି, ଉଚ୍ଚଶିକ୍ଷାନୁଷ୍ଠାନରେ ଥିବା ନେତାଙ୍କ କ୍ଷେତ୍ରରେ ଅନୁରୂପ ଏପରି ହିଁ ଘଟେ। ତେବେ ବେଳେ ବେଳେ କେତେକ ବାଟ ଭାଙ୍ଗନ୍ତି, ସେମାନେ ନିଜର ଏପରି ଆଭିମୁଖ୍ୟକୁ ବେଶିକାଳ ଲୁଚାଇ ରଖିପାରନ୍ତିନାହିଁ। ସମୟକ୍ରମେ ଜଣାପଡନ୍ତି। ବାଟ ଭାଙ୍ଗିବା ସହଜ, କିନ୍ତୁ ବାଟ ଗଢିବା କଷ୍ଟ। ଯୁବ ନେତୃତ୍ୱରେ ଶାନ୍ତି ଓ ସଦ୍‌ଭାବନା ରହିଥିଲେ, ବାଟ ଗଢିବା ସହଜ ହୁଏ, ଏବଂ ଏପରି ନେତୃତ୍ୱ ଅନେକତ୍ର ଏକ ବୃହତ୍ତର ବର୍ଗର ନେତୃତ୍ୱ ନେଇ ସଫଳ ହେବାର ମାର୍ଗକୁ ସ୍ୱତଃ ପ୍ରଶସ୍ତ କରିଥାଏ। ବର୍ତ୍ତମାନର କ୍ୟାମ୍ପସର ଯୁବ ନେତୃତ୍ୱ ନିଶ୍ଚୟ ଏପରି ଦୃଷ୍ଟିଭଙ୍ଗୀ ରଖିବେ ବୋଲି ଆଶା। ତେବେ ବର୍ତ୍ତମାନର ଉଚିତ କାର୍ଯ୍ୟ ହିଁ ଆହ୍ୱାନପୂର୍ଣ୍ଣ ଯାହା ଉପରେ ଗଢ଼ା ହେବ ସେମାନଙ୍କ ଭବିଷ୍ୟତର ରୂପରେଖା।

# ଓଡ଼ିଶା ଶାସନରେ ଓଡ଼ିଆଙ୍କୁ ଅଗ୍ରାଧିକାର ମିଳୁ

ଅଖିଳ ତରାଇ

"ଆଜି ଓଡ଼ିଶା ଶିଳ୍ପ, ଖଣି, ପର୍ଯ୍ୟଟନ, କୃଷି ଓ ଭିତ୍ତିଭୂମି କ୍ଷେତ୍ରରେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଛି। କିନ୍ତୁ ଏହି ବିକାଶର ଲାଭ ଯଦି ରାଜ୍ୟର ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ନାହିଁ, ତେବେ ଏହାର ଉଦ୍ଦେଶ୍ୟ ଅଧୁରା ରହିଯିବ। ଏଥିପାଇଁ ନୀତି ନିର୍ଦ୍ଧାରଣ ଠାରୁ ଆରମ୍ଭ କରି ଯୋଜନାର କାର୍ଯ୍ୟକାରିତା ପର୍ଯ୍ୟନ୍ତ ସ୍ଥାନୀୟ ଆବଶ୍ୟକତା ଓ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦେବା ଦରକାର। ଓଡ଼ିଆ ଅଧିକାରୀଙ୍କ ଅଭିଜ୍ଞତା ଓ ଆଞ୍ଚଳିକ ବୁଝାମଣା ଏହି ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବାରେ ସହାୟକ ହୋଇପାରେ।"

ଓଡ଼ିଶା ମାଟିର ଭାଷା, ସଂସ୍କୃତି, ପରମ୍ପରା ଓ ଜନଜୀବନକୁ ବୁଝି ଶାସନ କରିବା ହେଉଛି ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ। ରାଜ୍ୟର ବିକାଶ କେବଳ ରାସ୍ତାଘାଟ, ବଡ଼ ବଡ଼ ଶିଳ୍ପ କିମ୍ବା ନୂଆ ଯୋଜନାରେ ସୀମିତ ନୁହେଁ, ବରଂ ସାଧାରଣ ଲୋକଙ୍କ ସମସ୍ୟାକୁ ବୁଝିବା, ସେମାନଙ୍କ ଭାଷାରେ ସେମାନଙ୍କ ସହ କଥା ହେବା ଏବଂ ସେମାନଙ୍କ ଆଶା-ଆକାଂକ୍ଷାକୁ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ କରିବା ହେଉଛି ପ୍ରକୃତ ବିକାଶର ପରିଚୟ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାର ଉଚ୍ଚ ପଦପଦବିରେ ଓଡ଼ିଆ ଅଧିକାରୀଙ୍କୁ ଯଥୋଚିତ ସୁଯୋଗ ଓ ଅଗ୍ରାଧିକାର ଦେବା ନେଇ ଗମ୍ଭୀର ଆଲୋଚନାର ଆବଶ୍ୟକତା ରହିଛି।

ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହେବା ପଛରେ ରହିଛି ଓଡ଼ିଆ ଜାତିର ଦୀର୍ଘ ସଂଘର୍ଷ, ଭାଷାପ୍ରେମ ଓ ଆତ୍ମପରିଚୟର ଐତିହାସିକ ଲଢ଼େଇ। ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଅନ୍ୟାନ୍ୟ ମହାପୁରୁଷଙ୍କ ତ୍ୟାଗ କେବଳ ଏକ ଭୌଗୋଳିକ ଅଞ୍ଚଳ ଗଠନ ପାଇଁ ନ ଥିଲା; ଓଡ଼ିଆ ଭାଷା, ସଂସ୍କୃତି ଓ ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ମଧ୍ୟ ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଆଜି ଯଦି ଓଡ଼ିଶାର ଶାସନ ବ୍ୟବସ୍ଥାରେ ଓଡ଼ିଆ ଭାଷା ଓ ସ୍ଥାନୀୟ ଜନଜୀବନର ଅଭିଜ୍ଞତାକୁ ଗୌଣ କରାଯାଏ, ତେବେ ଆମେ ନିଜ ଐତିହାସିକ ଉତ୍ତରାଧିକାରର ମୂଳ ଉଦ୍ଦେଶ୍ୟକୁ କେତେଦୂର ସମ୍ମାନ ଦେଉଛୁ, ସେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିବା ଆବଶ୍ୟକ ଯେ, ଅଣଓଡ଼ିଆ ଅଧିକାରୀଙ୍କ ପ୍ରତି



କୌଣସି ବିରୋଧ କିମ୍ବା ଅସମ୍ମାନ ଏହି ଆଲୋଚନାର ଉଦ୍ଦେଶ୍ୟ ନୁହେଁ। ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ। ଜଣେ ଅଧିକାରୀ ଯେକୌଣସି ରାଜ୍ୟର ହୋଇଥାଆନ୍ତୁ ନା କାହିଁକି, ତାଙ୍କର ଦକ୍ଷତା, ସଚ୍ଚୋଟତା ଓ ଲୋକଙ୍କ ପ୍ରତି ଦାୟିତ୍ୱବୋଧ ହିଁ ତାଙ୍କର ପ୍ରକୃତ ପରିଚୟ। ତଥାପି ଯେଉଁ ରାଜ୍ୟର ଲୋକଙ୍କ ପାଇଁ ଶାସନ ବ୍ୟବସ୍ଥା ପରିଚାଳିତ ହେଉଛି, ସେହି ରାଜ୍ୟର ଭାଷା, ସାମାଜିକ ପରିବେଶ ଓ ଆଞ୍ଚଳିକ ବାସ୍ତବତା ସହ ପରିଚିତ ଅଧିକାରୀଙ୍କ ଭୂମିକାକୁ ମଧ୍ୟ ଗୁରୁତ୍ୱ ଦେବା ଉଚିତ।

ଓଡ଼ିଶାର ଗ୍ରାମାଞ୍ଚଳରେ ଆଜି ବି ଅନେକ ଲୋକ ନିଜ ସମସ୍ୟାକୁ ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ ସହଜ ମନେ କରନ୍ତି। ଜମିଜମା ବିବାଦ, ଜଙ୍ଗଲ ଅଧିକାର, ଜଳସେଚନ, ଆଦିବାସୀଙ୍କ ସମସ୍ୟା, ଶ୍ରମିକଙ୍କ ଅଧିକାର, ଚାଷୀଙ୍କ ଦୁର୍ଦ୍ଦଶା ଓ ଗରିବଙ୍କ ମୌଳିକ ଆବଶ୍ୟକତା ଭଳି ବିଷୟଗୁଡ଼ିକ କେବଳ ସରକାରୀ ଫାଇଲର ତଥ୍ୟ ନୁହେଁ। ଏହା ପଛରେ ରହିଛି ମଣିଷର ଜୀବନ, ଅନୁଭୂତି ଓ ଦୀର୍ଘଦିନର ସଂଘର୍ଷ। ଲୋକଙ୍କ ଭାଷା ଓ ସାମାଜିକ ପରିସ୍ଥିତି ସହ ପରିଚିତ ଜଣେ ଅଧିକାରୀ ଏହି ସମସ୍ୟାଗୁଡ଼ିକର ସୂକ୍ଷ୍ମ ଦିଗକୁ ସହଜରେ ବୁଝିବାର ସୁଯୋଗ ପାଇପାରନ୍ତି।

ଓଡ଼ିଆ ଅଧିକାରୀଙ୍କ ପାଇଁ ମଧ୍ୟ ଏହା ଏକ ବଡ଼ ଦାୟିତ୍ୱ। କେବଳ ଓଡ଼ିଆ ହୋଇଥିବାରୁ ଜଣେ ବ୍ୟକ୍ତି ଲୋକଙ୍କ ସମସ୍ୟା ବୁଝିପାରିବେ କିମ୍ବା ଉତ୍ତମ ଶାସନ ଦେଇପାରିବେ, ଏପରି ଧାରଣା ଠିକ୍ ନୁହେଁ। ଭାଷାଗତ ଓ ସାଂସ୍କୃତିକ ପରିଚୟ ସହିତ ସମ୍ବେଦନଶୀଳତା, ଦକ୍ଷତା, ନିରପେକ୍ଷତା ଓ ଦୁର୍ନୀତିମୁକ୍ତ ମନୋଭାବ ରହିବା ମଧ୍ୟ ଜରୁରୀ। ଓଡ଼ିଆ ଅଧିକାରୀମାନେ ଯଦି ନିଜ ମାଟିର ଲୋକଙ୍କ ଆଶା ଓ ଆକାଂକ୍ଷାକୁ ସମ୍ମାନ ଦେଇ କାର୍ଯ୍ୟ କରନ୍ତି, ତେବେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇପାରିବ।

ଅନ୍ୟପକ୍ଷରେ, ଓଡ଼ିଆ ଯୁବକଯୁବତୀଙ୍କ ମଧ୍ୟରେ ଉଚ୍ଚ ପ୍ରଶାସନିକ ପଦବି ହାସଲ କରିବାର ଦକ୍ଷତା ଓ ଆକାଂକ୍ଷାର ଅଭାବ ନାହିଁ। କିନ୍ତୁ ଏଥିପାଇଁ ଗୁଣାତ୍ମକ ଶିକ୍ଷା, ଉପଯୁକ୍ତ ପ୍ରଶିକ୍ଷଣ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ସହଯୋଗ ଓ ଉନ୍ନତ ସୁଯୋଗ ଆବଶ୍ୟକ। ରାଜ୍ୟର ପ୍ରତିଭାବାନ ଯୁବପିଢ଼ି ଯେପରି ଉଚ୍ଚ ପ୍ରଶାସନିକ ସେବାରେ ଅଧିକ ସଂଖ୍ୟାରେ ପ୍ରବେଶ କରିପାରିବେ, ସେଥିପାଇଁ ସରକାର ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବା ଉଚିତ। ରାଜ୍ୟର ଯୋଗ୍ୟ ଅଧିକାରୀଙ୍କୁ ତାଙ୍କ ଦକ୍ଷତା ଓ ଅଭିଜ୍ଞତା ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ପଦବିରେ ଦାୟିତ୍ୱ ଦେବା ମଧ୍ୟ ଏହି ଉଦ୍ୟମର ଅଂଶ ହେବା ଦରକାର।

ପ୍ରଶାସନିକ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟତା, ଅଭିଜ୍ଞତା ଓ ପ୍ରଚଳିତ ଆଇନଗତ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ତେଣୁ ଓଡ଼ିଆଙ୍କୁ ଅଗ୍ରାଧିକାର ଦେବାର ଅର୍ଥ ଅନ୍ୟ ରାଜ୍ୟର ଯୋଗ୍ୟ ଅଧିକାରୀଙ୍କୁ ଅବହେଳା କରିବା ନୁହେଁ ବରଂ ଓଡ଼ିଶାର ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା ଏବଂ ପ୍ରଶାସନରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା। ସରକାରୀ କାର୍ଯ୍ୟାଳୟରେ ସାଧାରଣ ଲୋକ ଯେପରି ନିଜ ଭାଷାରେ ସମସ୍ୟା ଜଣାଇପାରିବେ ଓ ତାହାର ସମାଧାନ ପାଇପାରିବେ, ସେଥିପାଇଁ ଦୃଢ଼ ବ୍ୟବସ୍ଥା ହେବା ଉଚିତ।

କେବଳ ଭାଷା ନୁହେଁ, ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନଶୈଳୀ ମଧ୍ୟ ବେଶ୍ ନିଆରା। ଆମର ପର୍ବପର୍ବାଣି, କୃଷି ଭିତ୍ତିକ ଅର୍ଥନୀତି, ଜାତିଗତ ସମୀକରଣ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସହ ଲଢ଼ିବାର ମାନସିକତାକୁ କେବଳ ସେହି ବ୍ୟକ୍ତି ହିଁ ଗଭୀର ଭାବେ ଅନୁଭବ କରିପାରିବ, ଯିଏ ଏହି ମାଟି, ପାଣି ଓ ପବନରେ ବଢ଼ିଛି। ଯେପରିକି ବାତ୍ୟା ବା ବନ୍ୟା ସମୟରେ ଉପକୂଳ ଓଡ଼ିଶାର ଲୋକଙ୍କ ମାନସିକତା କ'ଣ ରହେ କିମ୍ବା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦାଦନ ସମସ୍ୟାର ମୂଳ ଚେର କେଉଁଠି ଲୁଚି ରହିଛି, ତାହା ଜଣେ ଓଡ଼ିଆ ଅଧିକାରୀଙ୍କୁ ବୁଝାଇବାକୁ ପଡ଼େ ନାହିଁ। ସେମାନେ ନିଜ ଅଭିଜ୍ଞତାରୁ ଏହାର ସମାଧାନର ବାଟ ବାହାର କରିପାରିବେ। ଅଣଓଡ଼ିଆ ଅଧିକାରୀମାନେ ହୁଏତ ଫାଇଲ୍ ଓ ପରିସଂଖ୍ୟାନ ଦେଖି ନୀତି ତିଆରି କରିପାରନ୍ତି, କିନ୍ତୁ ସେଥିରେ ମାଟିର ବାସ୍ନା ଓ ବାସ୍ତବତାର ସ୍ପର୍ଶ ରହିବା କଷ୍ଟକର।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଆତ୍ମୀୟତା ଓ ଉତ୍ତରଦାୟିତ୍ୱ। ଜଣେ ଓଡ଼ିଆ ଅଧିକାରୀ ଯେତେବେଳେ ଓଡ଼ିଶାର ବିକାଶ ପାଇଁ କାମ କରନ୍ତି, ସେତେବେଳେ ତାଙ୍କ ମନରେ ନିଜ ରାଜ୍ୟ ପ୍ରତି ଏକ ସ୍ୱାଭାବିକ ମମତା ଓ ଦାୟିତ୍ୱବୋଧ ରହିଥାଏ। କାରଣ ସେ ଜାଣନ୍ତି ଯେ, ଚାକିରିରୁ ଅବସର ନେବା ପରେ ମଧ୍ୟ ତାଙ୍କୁ ଏହି ମାଟିରେ ହିଁ ରହିବାକୁ ହେବ ଏବଂ ଲୋକଙ୍କ ଆଖିରେ ଆଖି ମିଶାଇ ଚାଲିବାକୁ ପଡ଼ିବ। ତାଙ୍କର ଭଲ କାମ ପାଇଁ ତାଙ୍କ ପରିବାର ଓ ଭବିଷ୍ୟତ ପିଢ଼ି ଗର୍ବ କରିବେ ଏବଂ ଖରାପ କାମ ପାଇଁ ନିନ୍ଦିତ ହେବେ। ଏହି ସାମାଜିକ ଭୟ ଓ ଆତ୍ମୀୟତା ତାଙ୍କୁ ଅଧିକ ଲୋକାଭିମୁଖୀ ଓ ସଚ୍ଚୋଟ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଏ।

ଆଜି ଓଡ଼ିଶା ଶିଳ୍ପ, ଖଣି, ପର୍ଯ୍ୟଟନ, କୃଷି ଓ ଭିତ୍ତିଭୂମି କ୍ଷେତ୍ରରେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଛି। କିନ୍ତୁ ଏହି ବିକାଶର ଲାଭ ଯଦି ରାଜ୍ୟର ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ନାହିଁ, ତେବେ ଏହାର ଉଦ୍ଦେଶ୍ୟ ଅଧୁରା ରହିଯିବ। ଏଥିପାଇଁ ନୀତି ନିର୍ଦ୍ଧାରଣ ଠାରୁ ଆରମ୍ଭ କରି ଯୋଜନାର କାର୍ଯ୍ୟକାରିତା ପର୍ଯ୍ୟନ୍ତ ସ୍ଥାନୀୟ ଆବଶ୍ୟକତା ଓ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦେବା ଦରକାର। ଓଡ଼ିଆ ଅଧିକାରୀଙ୍କ ଅଭିଜ୍ଞତା ଓ ଆଞ୍ଚଳିକ ବୁଝାମଣା ଏହି ପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରିବାରେ ସହାୟକ ହୋଇପାରେ।

ଏହାର ଅର୍ଥ କଦାପି ନୁହେଁ ଯେ ଆମେ ସଂକୀର୍ଣ୍ଣ ଆଞ୍ଚଳିକତାବାଦକୁ ପ୍ରଶ୍ରୟ ଦେବା ବା ଅଣଓଡ଼ିଆ ଅଧିକାରୀଙ୍କ ଦକ୍ଷତାକୁ ଅସମ୍ମାନ କରିବା। ବରଂ ଏହାର ମୂଳ ଲକ୍ଷ୍ୟ ହେଉଛି ପ୍ରଶାସନକୁ ଅଧିକ ଲୋକାଭିମୁଖୀ, ସମ୍ବେଦନଶୀଳ ଓ ଫଳପ୍ରଦ କରିବା। ଓଡ଼ିଶା ଶାସନର ଡୋରି ଯେତେବେଳେ ଓଡ଼ିଆଙ୍କ ହାତରେ ରହିବ, ସେତେବେଳେ ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ଥିବା ଦୂରତା ହ୍ରାସ ପାଇବ। ଲୋକଙ୍କ ସମସ୍ୟା କେବଳ ଫାଇଲ୍ ଭିତରେ ସୀମାବଦ୍ଧ ନ ରହି ତୁରନ୍ତ ସମାଧାନର ବାଟ ଦେଖିବ।

ତେଣୁ, ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ଶାସନ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ପାଇଁ ପ୍ରଶାସନିକ ସ୍ତରରେ ଯୋଗ୍ୟ ଓଡ଼ିଆ ଅଧିକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବା ନିହାତି ଅପରିହାର୍ଯ୍ୟ। ମାଟିର ମଣିଷ ହାତରେ ମାଟିର ଶାସନ ରହିଲେ ହିଁ ପ୍ରକୃତ ଅର୍ଥରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ।

ଗଞ୍ଜାମ,
ମୋ: ୭୮୭୦୦୧୦୦୧

# ଡିଜିଟାଲ୍ ଆରେଷ୍ଟ: ଠକେଇର ନୂଆ ରୂପ

ଇଂ. ଅମର ବେହେରା

ଅଦୃଶ୍ୟ ଚୋରମାନେ ଲୋକଙ୍କୁ ପ୍ରତାରିତ କରିବା ପାଇଁ ଏକ ନୂଆ ଏବଂ ଭୟଙ୍କର ମାଧ୍ୟମ ଆପଣାଇଛନ୍ତି, ଯାହାକୁ 'ଡିଜିଟାଲ୍ ଆରେଷ୍ଟ' ବା ଆଭାସୀ ଗିରଫଦାରୀ ବୋଲି କୁହାଯାଉଛି । ଏହି ନୂତନ ଅନଲାଇନ୍ ଜାଲିଆତିରେ ଅପରାଧୀମାନେ ଜଣେ ସାଧାରଣ ନାଗରିକଙ୍କୁ ମାନସିକ ସ୍ତରରେ ଏଭଳି ଭୟଭୀତ କରୁଛନ୍ତି ଯେ, ଶେଷରେ ପୀଡ଼ିତ ବ୍ୟକ୍ତି ଜଣକ ନିଜର ସମସ୍ତ ଜମାପୁଞ୍ଜି ହରାଇ ବସୁଛନ୍ତି । ଓଡ଼ିଶା ସମେତ ସାରା ଦେଶରେ ଏହି ଘଟଣା ଏବେ ଚିନ୍ତାର ବଡ଼ କାରଣ ପାଲଟିଛି । ସାଧାରଣ ଜନତା ଏହା ବିଷୟରେ ସମ୍ପୂର୍ଣ୍ଣ ସଚେତନ ହେବା ନିହାତି ଜରୁରୀ ଅଟେ । ବାସ୍ତବରେ, ଭାରତୀୟ ଆଇନରେ ଏଭଳି 'ଡିଜିଟାଲ୍ ଆରେଷ୍ଟ' ନାମକ କୌଣସି ବ୍ୟବସ୍ଥା ବା ପ୍ରାବଧାନ ଆଦୌ ନାହିଁ। ଏହା ସମ୍ପୂର୍ଣ୍ଣ ରୂପେ ଏକ ଆନ୍ତର୍ଜାଲ ପ୍ରତାରଣା ବା ମିଥ୍ୟା ଜାଲିଆତି ଅଟେ । ଏହି ଠକେଇରେ ଅପରାଧୀମାନେ ନିଜକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଆରକ୍ଷୀ ବା ପୋଲିସ କିମ୍ବା ନିଶାଦ୍ରବ୍ୟ ନିୟନ୍ତ୍ରଣ ବିଭାଗର ବଡ଼ ଅଧିକାରୀ ଭାବେ ପରିଚୟ ଦେଇଥାନ୍ତି । ପ୍ରଥମେ ପୀଡ଼ିତଙ୍କ ପାଖକୁ ଏକ ଅଜ୍ଞାତ ଦୂରଭାଷ ବା ଫୋନ୍ କଲ୍ ଆସେ, ଯେଉଁଥିରେ କୁହାଯାଏ ଯେ ଆପଣଙ୍କ ନାମରେ ଆସିଥିବା ଏକ ପାର୍ସଲ୍‌ରୁ ବେଆଇନ ନିଶାଦ୍ରବ୍ୟ କିମ୍ବା ଜାଲ୍ ପରିଚୟ ପତ୍ର ଜବତ କରାଯାଇଛି । ପୀଡ଼ିତଙ୍କ ମନରେ ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ସୃଷ୍ଟି କରିବା ପରେ, ସେମାନଙ୍କୁ ସାମାଜିକ ଗଣମାଧ୍ୟମର ଦୃଶ୍ୟ-ଶ୍ରାବ୍ୟ ଚଳଚ୍ଚିତ୍ର ବା ଭିଡିଓ କଲ୍ ମାଧ୍ୟମରେ ସଂଯୁକ୍ତ ହେବାକୁ ବାଧ୍ୟ କରାଯାଏ । ଠକମାନେ ପଛପଟେ ଏକ ନକଲି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟର ସେଟ୍‌ଅପ୍ ତିଆରି କରିଥାନ୍ତି ଏବଂ ନିଜେ ସରକାରୀ ପୋଷାକ ମଧ୍ୟ ପିନ୍ଧିଥାନ୍ତି । ସେମାନେ ଜାଲ୍ ଗିରଫ ପରୱାନା ଦେଖାଇ ପୀଡ଼ିତଙ୍କୁ ଘଣ୍ଟା ଘଣ୍ଟା ଧରି ଭିଡିଓ କଲ୍‌ରେ ନଜରବନ୍ଦୀ ହୋଇ ରହିବାକୁ ଏବଂ କାହା ସହ କଥା ନ ହେବାକୁ ଆଦେଶ ଦିଅନ୍ତି । ଏହାପରେ ମାମଲା ରଫାଦଫା କରିବା ପାଇଁ 'ସୁରକ୍ଷା ଜମା' କିମ୍ବା 'ଯାଞ୍ଚ ଶୁଳ୍କ' ନାମରେ ଲକ୍ଷ ଲକ୍ଷ ଟଙ୍କା ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ମାନସିକ ଚାପ ପକାଇଥାନ୍ତି ।

ନିକଟରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଥିଲା, ଯେଉଁଠାରେ ଜଣେ ଉଚ୍ଚଶିକ୍ଷିତ ଦମ୍ପତି ଏହି ଜାଲରେ ଫସିଯାଇଥିଲେ । ପୀଡ଼ିତ ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ଜଣକ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଥିଲେ ଏବଂ ତାଙ୍କ ପତ୍ନୀ ଜଣେ ଅବସରପ୍ରାପ୍ତ ଅଧ୍ୟାପିକା ଥିଲେ । ସେମାନଙ୍କ ପାଖକୁ ଏକ ଅଜ୍ଞାତ କଲ୍ ଆସିଲା ଏବଂ ଠକମାନେ ନିଜକୁ ବଡ଼ ପୋଲିସ ଅଧିକାରୀ ସଜାଇ କହିଲେ ଯେ ଆପଣଙ୍କ ଆଧାର କାର୍ଡକୁ ଦେଶବିରୋଧୀମାନେ ବେଆଇନ ଭାବେ ବ୍ୟବହାର କରୁଛନ୍ତି । ଏହା ଶୁଣି ସେହି ଶିକ୍ଷିତ ଦମ୍ପତି ଭୟଭୀତ ହୋଇପଡ଼ିଲେ । ସେମାନଙ୍କୁ ପ୍ରାୟ ୩୫ ଘଣ୍ଟା ଧରି ନିଜ ଘର ଭିତରେ ଭିଡିଓ କଲ୍ ମାଧ୍ୟମରେ 'ଡିଜିଟାଲ୍ ଆରେଷ୍ଟ' କରି ରଖାଗଲା ଏବଂ କାହା ସହ ଯୋଗାଯୋଗ ନ କରିବାକୁ ଧମକ ଦିଆଗଲା । ଠକମାନେ ସେମାନଙ୍କ ଠାରୁ ୧ କୋଟି ଟଙ୍କା ଦାବି କରିଥିଲେ । ଭାଗ୍ୟବଶତଃ, ସେମାନେ ଯେତେବେଳେ ଟଙ୍କା ପଠାଇବାକୁ ବ୍ୟାଙ୍କ ସହ ଯୋଗାଯୋଗ କଲେ, ସେତେବେଳେ ସେହି ଆକାଉଣ୍ଟଟି ସନ୍ଦେହଜନକ ଥିବା ଜଣାପଡ଼ିଥିଲା ଏବଂ ବ୍ୟାଙ୍କ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ସେମାନେ ଏକ ବଡ଼ ଲୁଟ୍‌ରୁ ରକ୍ଷା ପାଇଗଲେ । ଏହି ଘଟଣା ପ୍ରମାଣିତ କରେ ଯେ ଠକମାନେ କେବଳ ଅଶିକ୍ଷିତ ନୁହେଁ, ବରଂ ଉଚ୍ଚଶିକ୍ଷିତ ଲୋକଙ୍କୁ ମଧ୍ୟ ନିଜର ମାନସିକ ଶିକାର ବନାଉଛନ୍ତି ।

ଏଭଳି ପରିସ୍ଥିତିରେ ଯଦି କେହି ଆପଣଙ୍କୁ ଧମକ ଦିଅନ୍ତି, ତେବେ ଜମା ବିଚଳିତ ହୁଅନ୍ତୁ ନାହିଁ ଏବଂ ତୁରନ୍ତ ସେହି ଭିଡିଓ ସଂଯୋଗକୁ କାଟି ଦିଅନ୍ତୁ । ଆପଣଙ୍କର ବ୍ୟାଙ୍କ ସୂଚନା ବା ଆଧାର ସୂଚନା କାହା ସହ ସେୟାର କରନ୍ତୁ ନାହିଁ । ପୋଲିସ କିମ୍ବା ସାଇବର ବିଭାଗ ସହ ଯୋଗାଯୋଗ କରିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଜାତୀୟ ସାଇବର ସହାୟତା ନମ୍ବର ୧୯୩୦ କୁ ତୁରନ୍ତ କଲ୍ କରନ୍ତୁ । ଏହା ସହିତ କେନ୍ଦ୍ର ସରକାରଙ୍କ ସରକାରୀ ସାଇବର ଅପରାଧ ପୋର୍ଟାଲ୍ ୱେବସାଇଟ୍‌ରେ ନିଜର ଅଭିଯୋଗ ପଞ୍ଜିକୃତ କରନ୍ତୁ କିମ୍ବା ନିକଟସ୍ଥ ସାଇବର ଥାନାରେ ଏକ ଲିଖିତ ଏଫ୍‌ଆଇଆର୍ ଦାୟର କରନ୍ତୁ । ଭାରତରେ ଏହି ଅପରାଧ ବିରୋଧରେ କଠୋର ଆଇନଗତ ବ୍ୟବସ୍ଥା ରହିଛି ।ଏହି ବଡ଼ ସମସ୍ୟାର ସମାଧାନ ପାଇଁ ସରକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ଉଚିତ । ସରକାର ପ୍ରଥମେ ବ୍ୟାଙ୍କଗୁଡ଼ିକରେ ଖୋଲାଯାଉଥିବା ନକଲି ଖାତାଗୁଡ଼ିକ ଉପରେ କଡା ନଜର ରଖିବା ପାଇଁ ନିୟମ ଆଣିବା ଆବଶ୍ୟକ, କାରଣ ଏହି ଆକାଉଣ୍ଟଗୁଡ଼ିକ ମାଧ୍ୟମରେ ହିଁ ଠକେଇ ଟଙ୍କା ବାହାରକୁ ଚାଲିଯାଏ ।

ବରଡିହି, ଅସ୍ତରଙ୍ଗ, ପୁରୀ, ମୋ: ୯୭୪୨୯୮୨୭୪୧

# ଆଦି ଶଙ୍କରାଚାର୍ଯ୍ୟଙ୍କ ଦର୍ଶନରେ 'ମୁଁ କିଏ'

ବାନପ୍ରସ୍ଥୀ ରାଘବେନ୍ଦ୍ର

"ଆଧୁନିକ ମାନବ ସମାଜ ପାଇଁ ଶଙ୍କରାଚାର୍ଯ୍ୟଙ୍କ ଏହି ଦର୍ଶନ ଏକ ଯୁଗାନ୍ତକାରୀ ଆଲୋକବର୍ତ୍ତିକା ସଦୃଶ। ଆଜିର ପୃଥିବୀ ମଣିଷର ମୂଲ୍ୟକୁ ତାହାର ଆର୍ଥିକ ଉତ୍ପାଦକତା, ସାମାଜିକ ସ୍ୱୀକୃତି ଏବଂ ବାହ୍ୟ ସଫଳତା ସହିତ ମାପୁଛି। ଏହି ସଂକୀର୍ଣ୍ଣ ଦୃଷ୍ଟିକୋଣ ମଣିଷ ଭିତରେ ବିଭାଜନ, ପରସ୍ପର ମଧ୍ୟରେ ପ୍ରତିଯୋଗିତା ଏବଂ ପ୍ରକୃତିର ଶୋଷଣକୁ ପ୍ରୋତ୍ସାହିତ କରୁଛି। ଯେତେବେଳେ ଆମେ ଅନ୍ୟମାନଙ୍କୁ ନିଜ ଠାରୁ ଭିନ୍ନ ବୋଲି ଭାବୁ, ସେତେବେଳେ ଭୟ ଓ ହିଂସାର ଜନ୍ମ ହୁଏ। ଅଦ୍ୱୈତ ବେଦାନ୍ତ ପ୍ରମାଣ କରେ ଯେ ମଣିଷର ପ୍ରକୃତ ମୂଲ୍ୟ କୌଣସି ସାଂସାରିକ ପ୍ରାପ୍ତି ଉପରେ ନିର୍ଭର କରେ ନାହିଁ କିମ୍ବା କୌଣସି ପରାଜୟ ଦ୍ୱାରା ନଷ୍ଟ ହୁଏ ନାହିଁ।"

ବର୍ତ୍ତମାନର ଯୁଗରେ ମଣିଷ ନିରନ୍ତର ବାହ୍ୟ ପୃଥିବୀର ଦୌଡ଼, କୃତ୍ରିମ ସାମାଜିକ ପରିଚୟ ଏବଂ ଇନ୍ଦ୍ରିୟସୁଖ ପଛରେ ପଡ଼ି ନିଜର ଅସ୍ତିତ୍ୱକୁ ନେଇ ଏକ ବଡ଼ ଦ୍ୱନ୍ଦ୍ୱରେ ଛନ୍ଦି ହୋଇଯାଇଛି। ଆଧୁନିକ ମନୋବିଜ୍ଞାନ, ସ୍ନାୟୁବିଜ୍ଞାନ ଏବଂ ସମାଜଶାସ୍ତ୍ର ମଣିଷର ବ୍ୟବହାର, ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ, ସାମାଜିକ ପ୍ରତିଷ୍ଠା ତଥା ବ୍ୟକ୍ତିଗତ ସଫଳତା ମାଧ୍ୟମରେ ତାହାର ପରିଚୟ ଖୋଜିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି। ତଥାପି, ମାନବୀୟ ପ୍ରକୃତି ସମ୍ବନ୍ଧରେ ଅସଂଖ୍ୟ ବୈଜ୍ଞାନିକ ତଥ୍ୟ ଉପଲବ୍ଧ ଥିଲେ ମଧ୍ୟ ମଣିଷର ଚେତନାର ଗଭୀରତାରେ ଏକ ଅସ୍ଥିର ଶୂନ୍ୟତା ବିରାଜମାନ କରୁଛି। ସାମାଜିକ ପଦବୀ, ନାମ ଓ ଶାରୀରିକ ସ୍ୱରୂପକୁ ବାଦ୍ ଦେଲେ ବାସ୍ତବରେ ଆମେ କିଏ, ଏହି ପ୍ରଶ୍ନ ଆଜିର ମଣିଷକୁ ନିରନ୍ତର ବ୍ୟଥିତ, ଅସୁରକ୍ଷିତ ଏବଂ ଅପୂର୍ଣ୍ଣତାର ଭାବନାରେ ଆନ୍ଦୋଳିତ କରୁଛି। ପ୍ରାୟ ଏକ ହଜାର ବର୍ଷରୁ ଅଧିକ ସମୟ ପୂର୍ବେ ଭାରତୀୟ ଦାର୍ଶନିକ ତଥା ସନ୍ଥ ଆଦି ଶଙ୍କରାଚାର୍ଯ୍ୟ ଏହି ମୌଳିକ ପ୍ରଶ୍ନର ଅତ୍ୟନ୍ତ ସ୍ପଷ୍ଟ, ଯୁକ୍ତିଯୁକ୍ତ ଏବଂ ମୁକ୍ତିଦାୟୀ ସମାଧାନ ପ୍ରଦାନ କରିଥିଲେ। ତାଙ୍କର ଅଦ୍ୱୈତ ବେଦାନ୍ତ ଦର୍ଶନ 'ମୁଁ କିଏ' ପ୍ରଶ୍ନର ଏକ ଅଦ୍ୱିତୀୟ ଏବଂ ଚିରନ୍ତନ ଉତ୍ତର ପ୍ରଦାନ କରେ।

ଶଙ୍କରାଚାର୍ଯ୍ୟଙ୍କ ଦୃଷ୍ଟିକୋଣକୁ ବୁଝିବାକୁ ହେଲେ ପ୍ରଥମେ ଆମର ସାଧାରଣ ଧାରଣାଗୁଡ଼ିକୁ ବିଚାର କରିବାକୁ ପଡ଼ିବ। ସାଧାରଣ ଜୀବନରେ ମଣିଷ ନିଜର ସ୍ଥୂଳ ଶରୀର, ଇନ୍ଦ୍ରିୟ ଏବଂ ମନର ଭାବନା ସହିତ ନିଜକୁ ଯୋଡ଼ି ପରିଚୟ ନିର୍ମାଣ କରିଥାଏ। ଜଣେ ବ୍ୟକ୍ତି ନିଜକୁ ବୃଦ୍ଧ କିମ୍ବା ଯୁବା, ରୋଗୀ କିମ୍ବା ସୁସ୍ଥ, ଦୁଃଖୀ କିମ୍ବା ସୁଖୀ, ଜ୍ଞାନୀ କିମ୍ବା ଅଜ୍ଞ, ଧନୀ କିମ୍ବା ନିର୍ଦ୍ଧନ ଭାବରେ ଦେଖିଥାଏ। ଶଙ୍କରାଚାର୍ଯ୍ୟ ଦର୍ଶାଇଥିଲେ ଯେ ଏହି ସମସ୍ତ ପରିଚୟ ହେଉଛି 'ଅବିଦ୍ୟା' ବା ଅଜ୍ଞାନତାରୁ ଉତ୍ପନ୍ନ ଏକ ଭ୍ରାନ୍ତି। ଏହି ଅଜ୍ଞାନତା ପରିବର୍ତ୍ତନଶୀଳ ସଂସାରର ଧର୍ମକୁ ଅପରିବର୍ତ୍ତନୀୟ ଚେତନା ଉପରେ ଆରୋପିତ କରିଥାଏ। ଯେପରି ସନ୍ଧ୍ୟାର ଅନ୍ଧକାରରେ ପଡ଼ିଥିବା ଦଉଡ଼ିକୁ ମଣିଷ ସାପ ଭାବି ଭୟଭୀତ ହୋଇ ଚିତ୍କାର କରେ, ସେହିପରି ଅଜ୍ଞାନତା ଯୋଗୁଁ ମଣିଷ ନିଜର ଶରୀର, ମନ ଓ ବୁଦ୍ଧିକୁ ନିଜର ପ୍ରକୃତ ସ୍ୱରୂପ ମନେକରି ଭୟ, ଅଭାବ ଓ ଶୋକରେ ନିମଗ୍ନ ହୁଏ। ବାସ୍ତବରେ ଦଉଡ଼ି ଯେପରି ସାପ ନୁହେଁ, ସେହିପରି ଏହି ନଶ୍ୱର ଉପାଧିଗୁଡ଼ିକ ମଧ୍ୟ ଆତ୍ମାର ପ୍ରକୃତ ସ୍ୱରୂପ ନୁହଁନ୍ତି।

ଏହି ଭ୍ରାନ୍ତିକୁ ଦୂର କରିବା ପାଇଁ ଶଙ୍କରାଚାର୍ଯ୍ୟ ଉପନିଷଦର ପ୍ରସିଦ୍ଧ 'ନେତି, ନେତି' ବା 'ଏହା ନୁହେଁ, ଏହା ନୁହେଁ' ପଦ୍ଧତି ପ୍ରୟୋଗ କରିଛନ୍ତି। ଏହି ଚିନ୍ତନ ପ୍ରକ୍ରିୟା ମାଧ୍ୟମରେ ମିଥ୍ୟା ପରିଚୟଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଖଣ୍ଡନ କରାଯାଇ ପ୍ରକୃତ ସତ୍ୟକୁ ଉନ୍ମୋଚନ କରାଯାଏ। ସର୍ବପ୍ରଥମେ ସ୍ଥୂଳ ଶରୀରକୁ ବିଚାର କରାଯାଏ, ଯାହା ପଞ୍ଚମହାଭୂତରେ ନିର୍ମିତ ଏବଂ ଅନ୍ନଜଳ ଦ୍ୱାରା ପୋଷିତ ହୁଏ। ଏହି ଶରୀର ଜନ୍ମ ନିଏ, ବାଲ୍ୟାବସ୍ଥାରୁ ଯୌବନ ଓ ବାର୍ଦ୍ଧକ୍ୟ ଦେଇ ଗତି କରେ ଏବଂ ଶେଷରେ ମୃତ୍ୟୁବରଣ କରେ। ଯଦି ଶରୀର ହିଁ ପ୍ରକୃତ 'ମୁଁ' ହୋଇଥାନ୍ତା, ତେବେ ଶରୀରର ପରିବର୍ତ୍ତନ କିମ୍ବା ଅଙ୍ଗହାନି ସହିତ ମଣିଷର ଅସ୍ତିତ୍ୱ ମଧ୍ୟ ଲୋପ ପାଇଯାଆନ୍ତା। ଜୀବନସାରା ଶରୀରରେ ଘଟୁଥିବା ଅସଂଖ୍ୟ ପରିବର୍ତ୍ତନକୁ ଯିଏ ନିରୀକ୍ଷଣ କରୁଛି, ସେହି ନିରୀକ୍ଷକ କଦାପି ପରିବର୍ତ୍ତନଶୀଳ ଶରୀର ହୋଇପାରିବ ନାହିଁ। ତେଣୁ ଶରୀର ହେଉଛି କେବଳ ଏକ ବସ୍ତ୍ର କିମ୍ବା ଉପକରଣ, କିନ୍ତୁ ମୂଳ ସତ୍ତା ନୁହେଁ।

ଏହା ପରେ ଶଙ୍କରାଚାର୍ଯ୍ୟ ସୂକ୍ଷ୍ମ ମାନସିକ ସ୍ତର, ଯଥା ଇନ୍ଦ୍ରିୟ, ମନ ଏବଂ ବୁଦ୍ଧିର ପରୀକ୍ଷା କରନ୍ତି। ଆଧୁନିକ ମଣିଷ ନିଜର ଭାବପ୍ରବଣତା, ବିଚାର ଏବଂ ବୌଦ୍ଧିକ ଧାରଣାକୁ ନିଜର ପ୍ରକୃତ ପରିଚୟ ବୋଲି ଭାବି ଗର୍ବ ଅନୁଭବ କରେ। କିନ୍ତୁ ଶଙ୍କରାଚାର୍ଯ୍ୟ ବୁଝାଇଛନ୍ତି ଯେ କ୍ରୋଧ, ପ୍ରେମ, ଭୟ, ଈର୍ଷା କିମ୍ବା ଆନନ୍ଦ ଭଳି ଭାବନାଗୁଡ଼ିକ ମନରେ ଉତ୍ପନ୍ନ ହୁଅନ୍ତି, କିଛି ସମୟ ରୁହନ୍ତି ଏବଂ ତା'ପରେ ବିଲୀନ ହୋଇଯାଆନ୍ତି। ଏଗୁଡ଼ିକ ଚେତନା ଭିତରେ ଦୃଶ୍ୟମାନ ହେଉଥିବା ବସ୍ତୁ ସଦୃଶ। ଯେପରି ଗୋଟିଏ ବୃକ୍ଷକୁ ଦେଖୁଥିବା ବ୍ୟକ୍ତି ସେହି ବୃକ୍ଷ ସହିତ ଏକ ନୁହେଁ, ସେହିପରି ନିଜ ଭିତରେ ଜାଗ୍ରତ ହେଉଥିବା କ୍ରୋଧକୁ ଦେଖୁଥିବା ଚୈତନ୍ୟ କେବେ ହେଲେ କ୍ରୋଧ ହୋଇପାରିବ ନାହିଁ। ସେହିପରି ବୁଦ୍ଧି ମଧ୍ୟ ସନ୍ଦେହ, ନିଷ୍ପତ୍ତି ଓ ନିଦ୍ରାର ଅଧୀନ। ଗାଢ଼ ନିଦ୍ରା ସମୟରେ ମନ, ସ୍ମୃତି ଓ ବୁଦ୍ଧି ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଆନ୍ତି, ତଥାପି ନିଦରୁ ଉଠିବା ପରେ ମଣିଷ କହେ ଯେ ସେ ବହୁତ ଶାନ୍ତିରେ ଶୋଇଥିଲା। ଏହି ନିରବଚ୍ଛିନ୍ନ ସଚେତନତା ପ୍ରମାଣ କରେ ଯେ ମନ ଏବଂ ବୁଦ୍ଧିର ଅନୁପସ୍ଥିତିରେ ମଧ୍ୟ ଚେତନା ସ୍ୱତନ୍ତ୍ର ଭାବରେ ବିଦ୍ୟମାନ ଥାଏ।

ଶରୀର, ପ୍ରାଣ, ମନ ଏବଂ ବୁଦ୍ଧିର ସୀମିତତାକୁ ଅସ୍ୱୀକାର କରିବା ପରେ ଶଙ୍କରାଚାର୍ଯ୍ୟ ଚରମ ସତ୍ୟର ଉଦ୍‌ଘାଟନ କରନ୍ତି। ସେହି ଚରମ ସତ୍ୟ ହେଉଛି 'ଆତ୍ମା' ବା ଶୁଦ୍ଧ ଚୈତନ୍ୟ। ଅଦ୍ୱୈତ ବେଦାନ୍ତରେ ଆତ୍ମା କୌଣସି ଶରୀର ମଧ୍ୟରେ ଆବଦ୍ଧ ଥିବା କ୍ଷୁଦ୍ର ଅଂଶ ନୁହେଁ କିମ୍ବା ଈଶ୍ୱରଙ୍କ ଠାରୁ ଚିରକାଳ ପୃଥକ ଥିବା ଏକ ଦୁର୍ବଳ ସତ୍ତା ନୁହେଁ। ବରଂ ଉପନିଷଦର ମହାବାକ୍ୟ 'ଅହଂ ବ୍ରହ୍ମାସ୍ମି' ଅନୁସାରେ ଆମ ଭିତରେ ଥିବା ସାକ୍ଷୀ ଚୈତନ୍ୟ ଏବଂ ଏହି ସମଗ୍ର ସୃଷ୍ଟିର ମୂଳ ଆଧାର 'ବ୍ରହ୍ମ' ସମ୍ପୂର୍ଣ୍ଣ ଭାବରେ ଏକ ଓ ଅଭିନ୍ନ। ଯେପରି ମାଟିପାତ୍ର ଭିତରେ ଥିବା ଆକାଶ ବା ସ୍ଥାନ ପାତ୍ରଟି ଭାଙ୍ଗିଯିବା ପରେ ମଧ୍ୟ ମହାଆକାଶ ସହିତ ଏକ ହୋଇ ରହିଥାଏ, ସେହିପରି ଶରୀର ଥିବା ପର୍ଯ୍ୟନ୍ତ ଜୀବାତ୍ମା ପୃଥକ ଦେଖାଗଲେ ମଧ୍ୟ ପ୍ରକୃତରେ ତାହା ସର୍ବବ୍ୟାପୀ ବ୍ରହ୍ମ ବ୍ୟତୀତ ଅନ୍ୟ କିଛି ନୁହେଁ।

ଏହି ପରମ ଉପଲବ୍ଧି ଆଦି ଶଙ୍କରାଚାର୍ଯ୍ୟଙ୍କ ରଚିତ 'ନିର୍ବାଣଷ୍ଟକମ୍' ସ୍ତୋତ୍ରରେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି। ଯେତେବେଳେ ତାଙ୍କର ଗୁରୁ ଗୋବିନ୍ଦ ଭଗବତପାଦ ତାଙ୍କୁ ତାଙ୍କର ପରିଚୟ ପଚାରିଥିଲେ, ସେତେବେଳେ ଶଙ୍କରାଚାର୍ଯ୍ୟ ସ୍ପଷ୍ଟ ଭାବରେ ଘୋଷଣା କରିଥିଲେ ଯେ ସେ ମନ, ବୁଦ୍ଧି, ଅହଙ୍କାର କିମ୍ବା ଚିତ୍ତ ନୁହନ୍ତି। ସେ ପଞ୍ଚେନ୍ଦ୍ରିୟ କିମ୍ବା ପଞ୍ଚଭୂତ ନୁହଁନ୍ତି, ଏବଂ ସେ ପୁଣ୍ୟ, ପାପ, ସୁଖ, ଦୁଃଖ, ଜନ୍ମ, ମୃତ୍ୟୁ ତଥା ଜାତି-ଗୋତ୍ରର ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ। ସେହି ସ୍ତୋତ୍ରର ପ୍ରତ୍ୟେକ ଶ୍ଳୋକର ଶେଷରେ ସେ ଗର୍ବର ସହିତ ଉଦ୍‌ଘୋଷଣା କରିଛନ୍ତି 'ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍'— ଅର୍ଥାତ୍ ମୁଁ କେବଳ ଜ୍ଞାନ ଓ ଆନନ୍ଦର ସ୍ୱରୂପ, ମୁଁ ହିଁ ସେହି କଲ୍ୟାଣମୟ ଶିବ।

ଆଧୁନିକ ମାନବ ସମାଜ ପାଇଁ ଶଙ୍କରାଚାର୍ଯ୍ୟଙ୍କ ଏହି ଦର୍ଶନ ଏକ ଯୁଗାନ୍ତକାରୀ ଆଲୋକବର୍ତ୍ତିକା ସଦୃଶ। ଆଜିର ପୃଥିବୀ ମଣିଷର ମୂଲ୍ୟକୁ ତାହାର ଆର୍ଥିକ ଉତ୍ପାଦକତା, ସାମାଜିକ ସ୍ୱୀକୃତି ଏବଂ ବାହ୍ୟ ସଫଳତା ସହିତ ମାପୁଛି। ଏହି ସଂକୀର୍ଣ୍ଣ ଦୃଷ୍ଟିକୋଣ ମଣିଷ ଭିତରେ ବିଭାଜନ, ପରସ୍ପର ମଧ୍ୟରେ ପ୍ରତିଯୋଗିତା ଏବଂ ପ୍ରକୃତିର ଶୋଷଣକୁ ପ୍ରୋତ୍ସାହିତ କରୁଛି। ଯେତେବେଳେ ଆମେ ଅନ୍ୟମାନଙ୍କୁ ନିଜ ଠାରୁ ଭିନ୍ନ ବୋଲି ଭାବୁ, ସେତେବେଳେ ଭୟ ଓ ହିଂସାର ଜନ୍ମ ହୁଏ। ଅଦ୍ୱୈତ ବେଦାନ୍ତ ପ୍ରମାଣ କରେ ଯେ ମଣିଷର ପ୍ରକୃତ ମୂଲ୍ୟ କୌଣସି ସାଂସାରିକ ପ୍ରାପ୍ତି ଉପରେ ନିର୍ଭର କରେ ନାହିଁ କିମ୍ବା କୌଣସି ପରାଜୟ ଦ୍ୱାରା ନଷ୍ଟ ହୁଏ ନାହିଁ। ଆମର ପ୍ରକୃତ ସ୍ୱରୂପ ପୂର୍ଣ୍ଣ, ଅଖଣ୍ଡ ଏବଂ ଅବିନାଶୀ ହୋଇଥିବାରୁ ମୁକ୍ତି ପାଇଁ କୌଣସି ଦୂର ସ୍ଥାନକୁ ଯିବା କିମ୍ବା ବାହ୍ୟ ବସ୍ତୁ ସଂଗ୍ରହ କରିବା ଆବଶ୍ୟକ ନାହିଁ, ବରଂ ନିଜର ପ୍ରକୃତ ସ୍ୱରୂପକୁ ଚିହ୍ନିବା ହିଁ ଯଥେଷ୍ଟ।

ପରିଶେଷରେ, ଆଦି ଶଙ୍କରାଚାର୍ଯ୍ୟଙ୍କ 'ମୁଁ କିଏ' ପ୍ରଶ୍ନର ସମାଧାନ କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଭୂଗୋଳ କିମ୍ବା ଯୁଗ ମଧ୍ୟରେ ସୀମିତ ନୁହେଁ। ଏହା ପ୍ରତ୍ୟେକ ମାନବ ଆତ୍ମା ପାଇଁ ଏକ ମୁକ୍ତିର ଆହ୍ୱାନ। ଏହି ଦର୍ଶନ ଆମକୁ କ୍ଷଣସ୍ଥାୟୀ ସଂସାରର ମୋହନିଦ୍ରାରୁ ଜାଗ୍ରତ ହୋଇ ନିଜ ଭିତରେ ଥିବା ଅନନ୍ତ ଚେତନାର ସାଗରକୁ ଚିହ୍ନିବାକୁ ପ୍ରେରଣା ଦିଏ। ଅଦ୍ୱୈତର ଆଲୋକରେ ନିଜକୁ ଜାଣିବାର ଅର୍ଥ ହେଉଛି ଏହା ବୁଝିବା ଯେ ଦୁଃଖ-ସୁଖ ଏବଂ ଜନ୍ମ-ମୃତ୍ୟୁର ସମସ୍ତ ନାଟକ ତଳେ ଆମେ କୌଣସି କ୍ଷୁଦ୍ର, ଦୁର୍ବଳ ପ୍ରାଣୀ ନୋହୁଁ, ବରଂ ସଂସାରର ଅନୁଭୂତି ନେଉଥିବା ସ୍ୱୟଂ ପରମ ଚୈତନ୍ୟ। ଏହି ଏକତ୍ୱବୋଧ ଜାଗ୍ରତ ହେଲେ ମୃତ୍ୟୁର ଭୟ ସବୁଦିନ ପାଇଁ ଲୋପ ପାଏ ଏବଂ ମଣିଷ ପରମ ଶାନ୍ତି, କରୁଣା ତଥା ଅସୀମ ମୁକ୍ତିର ଅଧିକାରୀ ହୁଏ।

ମୋ-୮୨୪୯୪୯୯୧୪୪
ପେଲେସଲାଇନ, ବଲାଙ୍ଗିର

ଦିନଲିପି

୧୭ .୧୦. ୨୦୨୬ ଶନିବାର

## ଛାତ୍ର ସଂସଦ ନିର୍ବାଚନ -୨୦୨୬ ଫଳାଫଳ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ଚିପୁରୁ ଜ୍ୟୋତିଷ ଉପରେ ସଭାପତି ଭାବେ ଗିରିଧର ଶବର, ସମ୍ପାଦକ ଭାବେ ଖଗେଶ କଦମ୍ବଲା, ସହ ସମ୍ପାଦକ ଭାବେ ଚିତ୍ରୀ ରାମ କ୍ରିଷ୍ଣା, କ୍ରୀଡା ସଭାପତି ଭାବେ ବିପୁ ଭୂୟାଁ, ଡ୍ରାମା ସଭାପତି ଭାବେ ଜୋହାନ ଶବର, ଉପ ଡ୍ରାମାଟିକ ସଭାପତି ଭାବେ ଆମଶ ଦଳବେହରା ଏବଂ ବାଳିକା କୋମନ ରୁମ ସଭାପତି ଭାବେ ତ୍ରିଶା ଶବର ଜିତି ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୂଚନା ଦେଇଛନ୍ତି।

**ଆଠଗଡ଼ :** ଆଠଗଡ଼ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ସଂସଦର ନିର୍ବାଚନରେ ସଭାପତି ଭାବରେ କୃପାମୟୀ ପ୍ରିୟଦର୍ଶିନୀ ସେଠୀ ନିର୍ବାଚିତ ହୋଇଛନ୍ତି। ସେହିପରି ଆଠଗଡ଼ ଗୋପବନ୍ଧୁ ସ୍ନାତକ ମହିଳା ମହାବିଦ୍ୟାଳୟରେ ସିଲେକ୍ସନ ମାଧମରେ ସଭାପତି ଭାବରେ ଶୁଭଲକ୍ଷ୍ମୀ ସାହୁ, ସଂପାଦକ ଭାବରେ ଶୁଭଶ୍ରୀ ମୁଦୁଲି,ଉପ ସଭାପତି ଭାବରେ ପ୍ରିୟମ୍ବଦା ଗୋଛାୟତ,ସହ ସଂପାଦକ ଭାବେ ସୁଶ୍ରୀ ଅଙ୍କିତା ମହାନ୍ତି, ସାଂସ୍କୃତିକ ସଂପାଦକ ଭାବେ ଦୀପ୍ତିପ୍ରୀୟା ଜେନା, କ୍ରୀଡ଼ା ସଂପାଦକ ଭାବେ ଚିନ୍ମୟୀ ଖଟୁଆ,ସହ କ୍ରୀଡ଼ା ସଂପାଦକ ଭାବେ କଳ୍ପନା ଦଳେଇ ମନୋନୀତ ହୋଇଛନ୍ତି।

**ବେଲଗୁଣ୍ଠା :** ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିବିପି) ବାଜିମାତ କରିଛି। ନିର୍ବାଚନରେ ସଭାପତି, ଉପସଭାପତି ଓ ଡ୍ରାମାଟିକ୍ ସମ୍ପାଦକ ପଦବିରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଅନ୍ୟ ପଦବିଗୁଡ଼ିକର ଫଳାଫଳ ମଧ ଘୋଷଣା କରାଯାଇଛି। ସଭାପତି ଭାବେ ରାକେଶ ବରାଡ, ଉପସଭାପତି ଭାବେ ରାକେଶ ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ସିନୁ ପାତ୍ର, ଯୁଗ୍ମ ସମ୍ପାଦକ ଭାବେ ଝୁମୁରୀ ବିଷୋୟୀ, ଡ୍ରାମାଟିକ୍ ସମ୍ପାଦକ ଭାବେ ଗୀତାଞ୍ଜଳି ପଟ୍ଟନାୟକ ଏବଂ କ୍ରୀଡ଼ା ସମ୍ପାଦକ ଭାବେ ସୋନୁ ବାରିକ ନିର୍ବାଚିତ ହୋଇଛନ୍ତି।

**ଧର୍ମଗଡ଼:** ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସଭାପତି ପଦ ପାଇଁ ଯୋଗେନ୍ଦ୍ର ବଣିଆ ୩୭୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦରେ କଳ୍ପନା ବିହାରୀ ୩ ୩୫୮ ଖଣ୍ଡ ଭୋଟ ପାଇ ବିଜୟ ହାସଲ କରିଥିବା ବେଳେ ଏବିଭିପି ପ୍ରାର୍ଥୀ ଧରାଶ୍ରୀ ନାଏକ ୩୦୫ ଖଣ୍ଡ ଭୋଟ ପାଇଥିଲେ। ଅନ୍ୟ ପଦ ପଦବୀଗୁଡ଼ିକ ମଧ୍ୟରେ ଉପସଭାପତି ଭାବେ ମନୀଷ କୁମାର କର ୪୧୧ ଖଣ୍ଡ ଭୋଟ, ଯୁଗ୍ମ ସମ୍ପାଦକ ଭାବେ ରୁପେଶ କୁମାର ନାଏକ ୩୩୨ ଖଣ୍ଡ ଭୋଟ, ସାଂସ୍କୃତିକ ସମ୍ପାଦକ ଭାବେ କ୍ରିଷ ମହାରଣା ୩୯୮ ଖଣ୍ଡ ଭୋଟ ଏବଂ କ୍ରୀଡ଼ା ସମ୍ପାଦକ ଭାବେ ବିବେକ ନାଏକ ୩୮୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି।

**ଧାମନଗର:** ଧାମନଗର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଭିପିର ଜଗନ୍ନାଥ ମାଝି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିସିଜେଡି ପ୍ରାର୍ଥିନୀ ସ୍ମୃତିରେଖା ବେହେରାଙ୍କୁ ୧୦୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜଗନ୍ନାଥ ୨୯୯ ଖଣ୍ଡ ଭୋଟ୍ ପାଇଥିବାବେଳେ ସ୍ମୃତିରେଖା ୧୯୭ ଖଣ୍ଡ ଭୋଟ୍ ପାଇଥିଲେ ଏବଂ ୪ଟି ଭୋଟ୍ ନାକଚ ହୋଇଥିଲା। ସେହିପରି ଉପସଭାପତି ଭାବେ ବିଭୁଦତ୍ତ ସାହୁ ୩୨୩ ଖଣ୍ଡ ଭୋଟ୍ ପାଇ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଜ୍ୟୋତିରଞ୍ଜନ ସାହୁଙ୍କୁ ୧୭୪ ଖଣ୍ଡ ଭୋଟ୍‌ର ବିଶ୍ୱାସଜନକ ବ୍ୟବଧାନରେ ହରାଇଛନ୍ତି। ଛାତ୍ର ସଂସଦ ସାଧାରଣ ସଂପାଦକ ଭାବେ ଚିନ୍ମୟ ପାତ୍ର ୨୭୮ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି।

**ଭବାନୀପାଟଣା:** କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଏବିଭିପିର ସଭାନେତ୍ରୀ ପ୍ରାର୍ଥୀନୀ ଆରିୟା ନାୟକ ତାଙ୍କ ନିକଟତମ



ପ୍ରତିଦ୍ୱନ୍ଦ୍ୱୀ ବିସିଜେଡିର ଅର୍ପିତା ପ୍ରିୟଦର୍ଶିନୀ ସାହୁଙ୍କୁ ୫୯ଟି ଭୋଟରେ ହରାଇ ବିଜୟୀ ହୋଇଛନ୍ତି।ଆରିୟା ୯୪୬ ଖଣ୍ଡ ଭୋଟ ମିଳିଥିବାବେଳେ ଅର୍ପିତାଙ୍କୁ ୮୮୭ ଖଣ୍ଡ ଭୋଟ ମିଳିଥିଲା। ସେହିପରି ଉପସଭାପତି ଭାବେ ଏବିଭିପିର ଭୋଜରାଜ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିସିଜେଡିର ଉମାକାନ୍ତ ନିଆଲଙ୍କୁ ୧୧୯ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ସମ୍ପାଦକ ଭାବେ ମଧ ଏବିଭିପିର ଓମକାର ଦଣ୍ଡସେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିସିଜେଡିର ପ୍ରତ୍ୟାଶା ପଟ୍ଟନାୟକଙ୍କୁ ୮୨ ଖଣ୍ଡ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି।

**କୃଷ୍ଣପ୍ରସାଦ:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରୁକ୍ମିଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ସମସ୍ତ ପଦପଦବୀ ଏବିଭିପି ଅକ୍ତିଆର କରିଛି। ଫଳାଫଳ ପ୍ରକାଶ ପରେ ବିଜୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ନେଇ ମହାବିଦ୍ୟାଳୟ ଓ ଗ୍ରାମ ପରିକ୍ରମା କରାଯାଇଥିଲା। ସମସ୍ତ ନିର୍ବାଚିତ ପ୍ରତିନିଧି ସଭାପତି ଶୁଭଶ୍ରୀ ପାହକ୍ଷଣ, ଉପ ସଭାପତି ସୂର୍ଯ୍ୟକାନ୍ତ ସାହୁ, ସାଧାରଣ ସମ୍ପାଦକ ଝାନ୍ସୀରାଣୀ ଜେନା, ସହ ସମ୍ପାଦକ ପୁନେସ ଜେନା, ଡ୍ରାମାଟିକ ସମ୍ପାଦକ ବଳଭଦ୍ର ବେହେରା, ସହ ଡ୍ରାମାଟିକ ସମ୍ପାଦକ ଦିବୟାଂଶୁ ଜେନା, ଅକ୍ଷଥଲେଟିକ କ୍ଲବ ସମ୍ପାଦକ ଦେବୀ ପ୍ରସାଦ ତରେଇ,ବିଜୟୀ ଏବଂ ଆଥ ଲେଟିକ ସହ ସମ୍ପାଦକ କଲ୍ୟାଣୀ ପାହକ୍ଷଣ, ସାଇନ୍ସ ସୋସାଇଟି ସମ୍ପାଦକ ଅଙ୍କିତ ତରେଇ, ଏସ ଏସ ଜି ସମ୍ପାଦକ ରୁପାଲୀ ପ୍ରଧାନ, ସହ ଏସ ଏସ ଜି ସମ୍ପାଦକ ଯଜ୍ଞ ଦତ୍ତ ଜେନା, ବଏଜ କାମନରୁମ ସମ୍ପାଦକ ଦୀପକ କୁମାର ନାୟକ, ଡି ଏସ ଏ ସମ୍ପାଦକ ସାହିଲ ସେଠୀ ପ୍ରମୁଖ ନିର୍ଦ୍ୱନ୍ଦ ରେ ନିର୍ବାଚିତ ହୋଇ ଶପଥ ପାଠ କରିଥିଲେ

# ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇବା ଉପରେ ଗୁରୁତ୍ୱ

ଭୁବନେଶ୍ୱର : ସହରାଂଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍‌ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମିତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଂଚାଇବାକୁ ଶ୍ରୀମତୀ ପାଢ଼ୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଂଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି । ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହେଂଚ, ତାହା ସୁନିଶ୍ଚିତ କରିବା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ଚୂଡ଼ାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସହରାଂଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ । ବିଶେଷକରି ନିରାଶ୍ରୟ ବ୍ୟକ୍ତି, ଭୂମିହୀନ ପରିବାର ଓ ବୟସ୍କ ନାଗରିକଙ୍କ ପାଇଁ ଲକ୍ଷ୍ୟଭିତିକ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା ।

୨୦୨୬—୨୭ ଆର୍ଥିକ ବର୍ଷର ବଜେଟ୍‌ରେ ସମାଜର ସର୍ବାଧିକ ଅବହେଳିତ ବର୍ଗଙ୍କ ହିତ ସାଧନ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ଅନୁମୋଦିତ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ, ଉପଲବ୍ଧ ଆର୍ଥିକ ସମ୍ବଳର ସୁବିନିଯୋଗ ଏବଂ ଜନକୈନ୍ଦ୍ରିକ କାର୍ଯ୍ୟପଦ୍ଧତି ମାଧ୍ୟମରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମିଶନର ଆର୍ଥିକ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ବିଷୟଗୁଡ଼ିକ ମଧ ବିଚାର କରାଯାଇଥିଲା । ୨୦୨୫—୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ଓ ବାର୍ଷିକ ରିପୋର୍ଟ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ୨୦୨୬—୨୭ ବର୍ଷର ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ଆକଳନକୁ କମିଟି ଅନୁମୋଦନ କରିଥିଲା । ୨୦୨୫—୨୬ ବର୍ଷରେ ହୋଇଥିବା ବ୍ୟୟକୁ ପରବର୍ତ୍ତୀ ଅନୁମୋଦନ ମଧ ପ୍ରଦାନ କରାଯାଇଥିଲା।

ସୁଲଭ ଆବାସର ସୁଯୋଗ ବୃଦ୍ଧି, ଅସହାୟ ଓ ବଂଚିତ ବର୍ଗଙ୍କ ଜୀବନଧାରଣର ମାନରେ ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଅଧିକ ବାସଯୋଗ୍ୟ ସହରୀ ପରିବେଶ ଗଠନ ଦିଗରେ ଓଡ଼ିଶା ଲିଭେବଲ୍ ହାବିଟାଟ୍ ମିଶନ୍ କାର୍ଯ୍ୟ କରୁଛି । ସୁଚିନ୍ତିତ ଯୋଜନା, ସମ୍ବଳର ସଠିକ୍ ବିନିଯୋଗ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ମାଧ୍ୟମରେ ସହରୀ ବିକାଶର ସୁଫଳ ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ପହଂଚାଇବା ଏହି ମିଶନ୍‌ର ଲକ୍ଷ୍ୟ । ବୈଠକରେ ଓଏଲ୍‌ଏଚ୍‌ଏମ୍ର ମିଶନ୍ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ପରାମର୍ଶଦାତା, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ମୁଖ୍ୟ ଯନ୍ତ୍ରୀ, ଓଏଲ୍‌ଏଚ୍‌ଏମ୍ ର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକଙ୍କ ସମେତ ଶକ୍ତି ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ , ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଟାଟା ଟ୍ରଷ୍ଟସ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ଜ୍ଞାନ, ନବସୃଜନ ଓ ସମାଜର ସେବା ପାଇଁ ଜୀବନ ବ୍ୟାପୀ ପ୍ରତିବଦ୍ଧତାର ଆହ୍ୱାନ

ଗୁଣୁପୁର,(ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼ ଚନ୍ଦ୍ରଧ୍ୱଜ ପଣ୍ଡା ଆନୁଷ୍ଠାନିକ ଭାବେ ସମାବର୍ତ୍ତନ ସମାରୋହର ପ୍ରାରମ୍ଭ ଘୋଷଣା କରିଥିଲେ । ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡ ଗୌତମ ଘୋଷ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ଓ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଅବଗତ କରିଥିଲେ । ପରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ । ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ଼ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ଗବେଷଣା ମାଧ୍ୟମରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହ ଶିକ୍ଷା ଓ ଆଧୁନିକ ଚିନ୍ତା ଦ୍ୱାରା ସମାଜ ସେବା ପାଇଁ କହିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ ( ଆଇଜର) ର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲୀ ଯୋଗ ଦେଇ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ସ୍ନାତକରେ ୧୧୫୨ ଜଣଙ୍କୁ ଓ ସ୍ନାତକୋତ୍ତରରେ ୩୬୯ ଜଣଙ୍କ ସହ ୩୨ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରିଥିଲେ । ଏହା ସହ ତିନି ଜଣ ଛାତ୍ରଛାତ୍ରୀଙ୍କୁ ବଳରାମ ପଣ୍ଡା ସ୍ମାରକୀ ପୁରସ୍କାରର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ଗାଙ୍ଗୁଲୀ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓ ଅବଦାନ ପାଇଁ ପ୍ରଶଂସା କରିବା ସହ ଜ୍ଞାନ, ନବସୃଜନ୍ ଓ ସମାଜର ସେବା ପାଇଁ ଜୀବନ ବ୍ୟାପୀ ପ୍ରତିବଦ୍ଧତା ରହିବା ପାଇଁ ଆହ୍ୱାନ ଦେଇଥିଲେ।ସମ୍ମାନୀୟ ଅତିଥି ଭାବେ ରାୟଗଡ଼ା ସ୍ଥିତ ଆଦିତ୍ୟ ବିର୍ଲା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିସ୍ ଲିମିଟେଡ଼ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସଭାପତି ଡ ମଜାହାର ବେଗ ଯୋଗ ଦେଇ ଉତ୍ତମ ଚିନ୍ତାଧାରା ଓ ଗବେଷଣା ମାଧ୍ୟମରେ ସମାଜର ଉନ୍ନତି ପାଇଁ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିଧାୟକ ନବରଙ୍ଗପୁର ତଥା ବିଶ୍ୱବିଦ୍ୟାଳୟର ବୋର୍ଡ଼ ସଦସ୍ୟ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଛାତ୍ରଛାତ୍ରୀ ନିଜ ସ୍ୱପ୍ନରେ ମହତ୍ତ୍ୱାକାଂକ୍ଷୀ , ଉଦ୍ୟମରେ ଦୃଢ଼ତା ଏବଂ ସଫଳତାରେ ବିନମ୍ରତା ସହ ଦେଶର ବିକାଶରେ କାର୍ଯ୍ୟ କରିବା ପାଇଁ କହିଥିଲେ। ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜଳ ପାଇ କାମନା କରିଥିଲେ।




## ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି

ପୁରୀ,(ନିପ୍ର): ପୁରୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଚଳିତ ମାସ ୨୯ ତାରିଖରେ ପାଳିତ ହେବକୁ ଥିବା ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସକୁ ଶୃଙ୍ଖଳିତ ଓ ସଚେତନଧର୍ମୀ ଭାବେ ପାଳନ କରିବାକୁ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)ଶରତ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସମସ୍ତଙ୍କୁ ସଚେତନ କରିବା ଲକ୍ଷ୍ୟରେ ପାଳନ ପାଇଁ ପରାମର୍ଶ ଦେଇ ଥିଲେ।ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ଯେ ୨୯ ତାରିଖ ପୂର୍ବାହ୍ନ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସାଇକେଲ ମାଧମରେ ଅନୁଷ୍ଠିତ ହେବ। ବ୍ଲୁ ଫ୍ଲାଗ ବିଚ ଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ମିନି ମାରାଥନ ଅନୁଷ୍ଠିତ ହେବ ।ପରେ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ପାଇଁ ବିବିଧ କୌଶଳ ଓ ଉପାୟ ସର୍କିଟ ହାଉସ ଠାରେ ପ୍ରଦର୍ଶନ କରାଯିବା ସହ ପ୍ରଶିକ୍ଷଣ ମଧ ଦିଆଯିବ। ପରେ ଏକ ସଚେତନତା ସଭା ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହେବ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ ଶିକ୍ଷା ବିଭାଗ ପକ୍ଷରୁ କରାଯାଇ କୃତି ପ୍ରତିଯୋଗୀଙ୍କୁ ସଭା ରେ ପୁରସ୍କୃତ କରାଯିବ।ଏ ସମସ୍ତ କାର୍ଯ୍ୟ ରେ ଜିଲ୍ଲାର ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟ,ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅଗ୍ନି ଶମ ସେବା କାର୍ଯ୍ୟାଳୟ ,ପୁରୀ ମହାନଗର ନିଗମ, ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ, ଆରକ୍ଷୀ କାର୍ଯ୍ୟାଳୟ , ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପ୍ରମୁଖ ସକ୍ରିୟ ସହଯୋଗ ଦେବେ।

## ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ !

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଖଟିଆକୁଦି ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ ହୋଇଥିବା ଖବର ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକ ହେଲେ ତ୍ରିଲୋଚନ ବାରିକି। ସେ ଧନେଶ୍ୱର ବାରିକିଙ୍କ ପୁତ୍ର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ତ୍ରିଲୋଚନ ଚେନ୍ନାଇର ଗେଣ୍ଡି ଥାନା ଅଞ୍ଚଳରେ ଥିବା ଭାସିୟମ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ ପ୍ରାୟ ଏକ ବର୍ଷ ଧରି କାମ କରିବା ପରେ ରାତିରେ ତାଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲା। କମ୍ପାନୀ ସୂତ୍ରରୁ ସେ ସିଡ଼ିରୁ ଖସିପଡ଼ି ମୃତ୍ୟୁବରଣ କରିଥିବା କୁହାଯାଉଥିବା ବେଳେ ମୃତଦେହ ନିକଟରେ ଏକ ଶାବଳ ପଡ଼ିଥିବା ଜଣାପଡ଼ିଛି। ଏହାକୁ ନେଇ ମୃତ୍ୟୁର କାରଣ ସମ୍ପର୍କରେ ସନ୍ଦେହ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି କି ନାହିଁ, ସେନେଇ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି।ଏହି ଦୁଃଖଦ ଖବର ପହଞ୍ଚିବା ପରେ ଖଟିଆକୁଦି ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପରିବାର ଲୋକେ ତ୍ରିଲୋଚନଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ସହ ନ୍ୟାୟ ଅପେକ୍ଷାରେ ରହିଛନ୍ତି।

## ଦୁଇଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦ୍‌ଘାଟିତ

ଭାପୁର,(ନିପ୍ର): ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇ ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଅଧକ୍ଷ ଅଂଶୁମୋଚନ ପଣ୍ଡାଙ୍କ ଅଧକ୍ଷତାରେ ଗୁରୁବାର ଉଦ୍‌ଘାଟନ ହୋଇଯାଇଛି। ଚାରି କୋଟି ଟଙ୍କା ଅନୁଦାନରେ ନିର୍ମିତ ଦୁଇ ଗୋଟି କ୍ୟାମ୍ପସରେ ନିର୍ମାଣ ହୋଇଥିବା ୧୦୦ ଶଯ୍ୟା ଛାତ୍ରମାନଙ୍କ ପାଇଁ ରହିଥିବାବେଳେ ଅନ୍ୟ ୧୦୦ ଶଯ୍ୟା ଛାତ୍ରୀମାନଙ୍କ ପାଇଁ ନିର୍ମାଣ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଦୁଇ ଗୋଟି କ୍ୟାମ୍ପସକୁ ଉଦ୍‌ଘାଟନ କରିଥିଲେ।

## ସୋଲାର ପ୍ୟାନେଲ ଲଗାଇବା ଆଳରେ ଠକେଇ

ପାରଳାଖେମୁଣ୍ଡି ,(ନିପ୍ର): ସୋଲାର ପ୍ୟାନେଲ ଲଗାଇବା ଆଳରେ ଠକେଇ କରିବା ମାମଲା ଭଳି ଏକ ସଙ୍ଗୀନ ମାମଲାର ଶୁଣାଣି କରି ଗୁରୁବାର ଗଜପତି ଜିଲ୍ଲା ଆର. ଉଦୟଗିରିର ଜେ.ଏମ୍.ଏଫ.ସି. ଶୁଭଙ୍କର ମହାନ୍ତି ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)(ଠକେଇ) ଅପରାଧରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ରଘୁନାଥ ନଗରର ସନ୍ଦୀପ ପଟ୍ଟନାୟକ (୪୧ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଏ.ପି.ପି. ଦୁର୍ଯ୍ୟୋଧନ କରଡ଼ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, 'ଏସ୍.ଓ.ଏ.-ସି.ଏସ.ଆର ଫଣ୍ଡ' ସବସିଡି ଯୋଜନା ଅଧୀନରେ ଚାଷୀଙ୍କ ପାଇଁ ସୋଲାର ପ୍ୟାନେଲ୍ ଲଗାଇବା ଆଳରେ, ଅଭିଯୁକ୍ତ ଜଣକ ନିଜ ପତ୍ନୀ ପୁଷ୍ପଲତା ପଟ୍ଟନାୟକଙ୍କ ନାମରେ ଥିବା 'ଫୋନ୍-ପେ' ଆକାଉଣ୍ଟ ମାଧ୍ୟମରେ ଅଭିଯୋଗକାରୀ ଶଙ୍କର ରାଇତା (ପିତା: ସ୍ୱର୍ଗତ ମଳିକା ରାଇତା, ଗ୍ରାମ: ସର୍ଗିସାହି, ଥାନା: ରାମଗିରି, ଜିଲ୍ଲା: ଗଜପତି)ଙ୍କଠାରୁ ବିଭିନ୍ନ କିସ୍ତିରେ ଅଗ୍ରୀମ ଭାବେ ୩୮,୦୦୦ ଟଙ୍କା ନେଇଥିଲେ। ସେ ସୋଲାର ପ୍ୟାନେଲ୍ ଲଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ଲଗାଇ ନଥିଲେ ଏବଂ ଅଭିଯୋଗକାରୀଙ୍କୁ ଟଙ୍କା ମଧ ଫେରସ୍ତ କରିନଥିଲେ। ଏ ନେଇ ଏତଲାକାରୀ ରାମଗିରି ଥାନାରେ ମାମଲା ନମ୍ବର ୪୧/୨୦୨୬ରେ ତା ୧୦-୦୬-୨୦୨୬ରେ ଏକ ମାମଲା ରୁଜୁ କରିଥିଲେ। ୮ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ୮ଟି ଦସ୍ତାବିଜକୁ ଭିତ୍ତି କରି ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪)ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ସଶ୍ରମ କାରାଦଣ୍ଡର ସଜା ଶୁଣାଇବା ସହ ୪୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି।

## ବୃଦ୍ଧବୃଦ୍ଧା ପାଉନାହାନ୍ତି ନିୟମିତ ଭତ୍ତା

ଭାପୁର,(ନିପ୍ର)ରାଜ୍ୟରେ ବିଜେପି ମିଛ ପ୍ରଲୋଭନ ଦେଖାଇ ସରକାରକୁ ଆସିଲା,ଭୋଟର ଅଧିକ ଆଶା ରଖି ବିଜେପିକୁ ଜିତେଇଲେ ଏବେ ଭୋଟର ଘର କୋଣରେ ବସି ଗୁମୁରି ଗୁମୁରି କାନ୍ଦୁଛି। ରାଜ୍ୟରେ ଦରଦାମ ହୁହୁ ହୋଇ ବଢ଼ି ଚାଲିଛି,ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ,ଛାତ୍ର ଛାତ୍ରୀମାନେ ମୂର୍ଖ ହେଲେ,ନେତାମାନଙ୍କର ଗାଁ ଗହଳିରେ ଦେଖା ନାହିଁ, ବୃଦ୍ଧବୃଦ୍ଧାଙ୍କୁ ମିଳୁ ନାହିଁ ଭତ୍ତା,ବେକାରୀ ସମସ୍ୟା ବଢ଼ିବଢ଼ି ଚାଲିଛି । ଏହି ପରିପ୍ରେକ୍ଷୀରେ,ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବୃଦ୍ଧବୃଦ୍ଧାମାନଙ୍କୁ ୪ ମାସର ଭତ୍ତା ମିଳି ନାହିଁ।ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଉଥିବା ଭତ୍ତା ଟଙ୍କା ହିତାଧିକାରୀ ପାଇନାହାନ୍ତି ଫଳରେ,ସେମାନେ ଚଳିବା ପାଇଁ ଜୀଛନ ଦୁର୍ବିସହ ହୋଇପଡିଛି। ଘର ଚଳିବା ସହିତ ନିଜର ଦୈନନ୍ଦିନ ଔଷଧ ଖାଇବା ବନ୍ଦ ହୋଇଯାଇଛି।ଭାପୁର ବ୍ଲକରେ ୧୦,୧୩୬ ଜଣ ହିତାଧିକାରୀ ନିଜନିଜ ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ପାଉଥିବା ବେଳେ ୫୯୯୪ ଜଣ ହିତାଧିକାରୀ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଇଥାନ୍ତି।ବ୍ୟାଙ୍କ ଆକାଉଣ୍ଟରୁ ଭତ୍ତା ପାଉଥିବା ହିତାଧିକାରୀ ଗତ ୪/୫ ମାସ ହେଲା ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି।ହାତକୁ ଦିଆଯାଉଥିବା ଭତ୍ତା ହିତାଧିକାରୀମାନେ ଠିକ୍ ରୂପେ ପାଉଥିବାବେଳେ ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିବା ହିତାଧିକାରୀଙ୍କ ଭତ୍ତା କାହିଁକି ଆସୁନାହିଁ ସେ ବାବଦରେ ବ୍ଲକ ପ୍ରଶାସନ ସବୁ ଜାଣି ଅଜଣା ନାଟକ କରୁଥିବାବେଳେ ପ୍ରତି ମାସରେ ହିତାଧିକାରୀ ବ୍ୟାଙ୍କକୁ ଦୌଡ଼ିଦୌଡ଼ି ବୀତସ୍ପୃହା ହୋଇଗଲେଣି ଯାହାକି ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକଦଳ ପାଇଁ ବୁମେରଂ ଭଳି କାର୍ଯ୍ୟ କରିବ।

## ଚାରା ରୋପଣ ଆଳରେ ଅନୁଦାନ ଅର୍ଥ ହଡପ ଅଭିଯୋଗ,ତଦନ୍ତ ଦାବି

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଚାରାରୋପଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଉଠାଇ ପଞ୍ଚାୟତବାସୀ ଖଣ୍ଡପଡ଼ା ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ପଞ୍ଚାୟତବାସୀଙ୍କ ଅଭିଯୋଗକ୍ରମେ ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ବିଭିନ୍ନ ଅଞ୍ଚଳରେ ୭୦୦ ଚାରାରୋପଣ



ସହ ସେଗୁଡିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଲକ୍ଷ ୯୨ ହଜାର ଟଙ୍କା ମଞ୍ଜୁର ହୋଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ତେବେ ଏହି ଯୋଜନାରେ ନାମକୁ ମାତ୍ର ୫୦ ରୁ ୬୦ ଟି ଚାରା ବିଭିନ୍ନ ଜାଗାରେ ରୋପଣ କରାଯାଇଥିବା ବେଳେ ଉକ୍ତ ଚାରାଗୁଡିକର ରକ୍ଷଣାବେକ୍ଷଣ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ରୋପଣ କରାଯାଇଥିବା କେତେକ ଚାରା ପାଣି ଅଭାବରୁ ମରିଯିବାର ଆଶଙ୍କା ପ୍ରକାଶ ପାଇଛି।

ତେବେ ସମଗ୍ର ପଞ୍ଚାୟତରେ ସର୍ବମୋଟ ୭୦୦ ଚାରା ରୋପଣ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ମର୍ଦ୍ଦରାଜପୁର ପଞ୍ଚାୟତ କର୍ତ୍ତୃପକ୍ଷ ହାତଗଣତି ୫୦ କିମ୍ବା ୬୦ ଟି ଚାରାରୋପଣ କରି ଏ ବାବଦ ଅନୁଦାନ ଅର୍ଥ ହଡପ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କ ଏହି ସୁଦୂର ପ୍ରସାରୀ ଲୋକହିତକର ଯୋଜନା ଏକରକମ ପ୍ରହସନରେ ପରିଣତ ହୋଇଥିବା ନେଇ ଅଭିଯୋଗ ହେଉଛି। ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଅଭିଯୋଗର ତଦନ୍ତ କରିବାକୁ ମର୍ଦ୍ଦରାଜପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

### ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ କମିଟି ବୈଠକ

# ଶିଶୁ, କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ସଚେତନତା

ଭବାନୀପାଟଣା,(ନିପ୍ର): ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ, କଳାହାଣ୍ଡି ପକ୍ଷରୁ ୪୪ ଦିନିଆ 'ଶିଶୁ ଶ୍ରମ ମୁକ୍ତ ପଞ୍ଚାୟତ ସ୍ୱତନ୍ତ୍ର ଅଭିଯାନ' ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମ ନିଷେଧ ଓ ନିୟନ୍ତ୍ରଣ ସଚେତନତା ତଥା ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡିଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସୁଶାନ୍ତ ସିଂ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ପରିମିତା ମିଶ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ମୁକ୍ତି କୁମାର କୁଲ୍ଲୁ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟରୁ ଜଳେଶ୍ୱର ମେହେର, ଶିଶୁ କଲ୍ୟାଣ ସମିତି, ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରୁ ନିବାଶ ଚନ୍ଦ୍ର ସାହୁ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ବୃନ୍ଦ, ସ୍ୱାସ୍ଥ ବିଭାଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ବଣିକ ସଂଘ, ହୋଟେଲ ମାଲିକ ସଂଘ, ସାମାଜିକ ସୁରକ୍ଷା କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ରଶ୍ମିତା ନାୟକ ସ୍ୱାଗତ ଭାଷଣ ଦେବା ପରେ ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ସୌମ୍ୟ ରଞ୍ଜନ କର ସଭା ପରିଚାଳନା କରିବା ସହ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କିଭଳି ପ୍ରତେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମ ମୁକ୍ତ କରାଯିବ ସେ ସମ୍ପର୍କରେ ସାରକରଙ୍କ ପକ୍ଷରୁ ଜାରି କରାଯାଇଥିବା ଏସ.ଓ.ପି ଉପରେ ବିଶଦ ଆଲୋଚନା କରିଥିଲେ ।

ବୈଠକରେ ଗ୍ରାମ ପଞ୍ଚାୟତ ଗୁଡିକୁ ଶିଶୁ ଶ୍ରମିକ ମୁକ୍ତ କରିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ କୌଣସି ବି ଦୋକାନ, ହୋଟେଲ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ ନ କରିବା ଏବଂ (୧୪ ବର୍ଷରୁ ଉର୍ଦ୍ଧ ୧୮ ବର୍ଷରୁ କମ୍) କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତିକୂଳ ପରିସ୍ଥିତିରେ ଥିବା ଶିଶୁ ଓ କିଶୋରମାନଙ୍କୁ ଚିହ୍ନଟ କରି ସେମାନଙ୍କର ଉଦ୍ଧାର, ପୁନର୍ବାସ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଏହା ସହିତ ପ୍ରତ୍ୟେକ ଶିଶୁଙ୍କ ଶିକ୍ଷାର ଅଧିକାର ସୁନିଶ୍ଚିତ କରିବା, ସେମାନଙ୍କର ସର୍ବାଙ୍ଗୀନ ବିକାଶ, ଦକ୍ଷତା ବୃଦ୍ଧି ଏବଂ ସୁରକ୍ଷିତ ତଥା ସମ୍ମାନଜନକ ଭବିଷ୍ୟତ ଗଠନ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ସମୁଦାୟର ସକ୍ରିୟ ସହଭାଗିତା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ଏହି ସଭାରେ ଶ୍ରମ ବିଭାଗର ସମସ୍ତ ସହଶ୍ରମ ଅଧିକାରୀମାନେ ଉପସ୍ଥିତ ରହିଥିଲେ ଓ ପରିଶେଷରେ ଜିତମ ମାଝୀ, ସହଶ୍ରମ ଅଧିକାରୀ, ଭବାନୀପାଟଣା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## କ୍ଲଷ୍ଟର ସ୍ତରୀୟ ସୁରଭି-୨୬

ରମ୍ଭା,(ନିପ୍ର): କନକା କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ , ସମଲ ପରିସରରେ ପ୍ରଧାନଶିକ୍ଷକ ଆଶିଷକାନ୍ତ ପାଢୀଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଉତ୍ସାହ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆରସିସି ଯୁବ ସାହିତ୍ୟିକ ଡକ୍ଟର ଦ୍ୱାରିକାନାଥ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ , ଡିମିରିଆର ପ୍ରଧାନ ଶିକ୍ଷକ ଅଭିରାମ ବେହେରା ମୁଖ୍ୟବକ୍ତା, ସାମ୍ବାଦିକ ନୀଳାଚଳ ସେନାପତି, ଏସ ଏମ ସି ସଭାପତି ମିଥୁନ ଜାଲି, ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଦେବରାଜ ଗୌଡ଼ ନିରଂଜନ ଜାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଠନରତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଶୁ ମହୋତ୍ସବ ସୁରଭି -୨୦୨୬ କାର୍ଯ୍ୟକ୍ରମର ସଫଳତା କାମନା ସହ ଶୁଭେଚ୍ଛା ଶୁଭ ଅଭିନନ୍ଦନ ଜଣାଇଥିଲେ । ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା, ପି ଏମ୍ ପୋଷଣ ଶିଳ୍ପ କଳା, ଦଳଗତ ନୃତ୍ୟ, ପ୍ରବନ୍ଧ, ସୃଜନଶୀଳ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ ଫଳରେ ଛାତ୍ରଛାତ୍ରୀମାନେ କିପରି ଉପକୃତ ହେବା ସହିତ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ, ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଡିସେମ୍ବର ୧୧-୧୨ରେ ପ୍ରଧାନମନ୍ତ୍ରୀଙ୍କ କାନାଡା ଗସ୍ତ

ନୂଆଦିଲ୍ଲୀ, ୧୬।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଡିସେମ୍ବର ୧୧ ଓ ୧୨ ତାରିଖରେ କାନାଡା ଗସ୍ତ କରିବେ ବୋଲି ତାଙ୍କ କାନାଡା ପ୍ରତିପକ୍ଷ ମାର୍କ କାର୍ନି ଓ ଓଟାୱାରେ ଥିବା ଭାରତୀୟ ହାଇ କମିସନ ଶୁକ୍ରବାର ସୂଚନା ଦେଇଛନ୍ତି। ମଙ୍ଗଳବାର ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ଟେଲିଫୋନ ମାଧ୍ୟମରେ ଆଲୋଚନା ହୋଇଥିଲା। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ପ୍ରୟାସ ବୃଦ୍ଧି କରିବାକୁ ରାଜି ହେବା ପରେ ଏହି ଘୋଷଣା କରାଯାଇଛି।

## ରାହୁଲ ଗାନ୍ଧୀ ଜନସାଧାରଣଙ୍କ ଜନାଦେଶକୁ ସମ୍ମାନ ଦେବା ଉଚିତ: ରାଜନାଥ

ନୂଆଦିଲ୍ଲୀ, ୧୬।୧୦: ଶାସନ ପରିବର୍ତ୍ତନ ନାରାକୁ ନିନ୍ଦା କରିବା ସହିତ ନିର୍ବାଚନ କମିସନ (ଇସି) ବିରୋଧରେ କଂଗ୍ରେସର ଆନ୍ଦୋଳନକୁ ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାକୁ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)କୁ ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ କ୍ରମାଗତ ଭାବେ ବିରୋଧ ପ୍ରଦର୍ଶନ କରିଆସୁଛି। ଏହି ପ୍ରସଙ୍ଗରେ ରାଜନାଥ ସିଂହ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ଅର୍ଥ ଅରାଜକତା ସୃଷ୍ଟି କରିବା ନୁହେଁ ବୋଲି ରାଜନାଥ କହିଛନ୍ତି। ରାଜନାଥ ଅଭିଯୋଗ କରିଛନ୍ତି ଯେ, ବିଶୃଙ୍ଖଳାର ରାଜନୀତିରେ ଦେଶର ଯୁବପିଢ଼ିଙ୍କୁ ଅସ୍ତ୍ର ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି। କେତେକ ବାଂଲାଦେଶର ଘଟଣାବଳୀ ଅନୁସାରେ ଶାସନ ପରିବର୍ତ୍ତନ ଚାହୁଁଛନ୍ତି, ସେମାନଙ୍କର ସଂଘର୍ଷ ନା ନିର୍ବାଚନୀ ସଂସ୍କାର ପାଇଁ, ନା ଦେଶର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ, ବରଂ ଦେଶରେ ଅରାଜକତା ସୃଷ୍ଟି କରି କ୍ଷମତା ଦଖଲ କରିବାର କେବଳ ଷଡ଼ଯନ୍ତ୍ର।

## ଛାତ୍ର ଆନ୍ଦୋଳନ ଆଳରେ ସରକାରକୁ ଅସ୍ଥିର କରିବାକୁ ଷଡ଼ଯନ୍ତ୍ର: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୧୬।୧୦: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନକୁ ନେଇ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର କଂଗ୍ରେସ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ଛାତ୍ରଙ୍କ ସ୍ୱାର୍ଥ, ଦେଶର ହିତ ଓ ବ୍ୟବସ୍ଥାରେ ସୁଧାର ଆଣିବା ନାଁରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରକୃତ ଉଦ୍ଦେଶ୍ୟ ଏବେ ସାମ୍ନାକୁ ଆସିଛି ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ୍ କରି ପ୍ରଧାନ ଅଭିଯୋଗ କରିଛନ୍ତି ଯେ 'ସରକାର ପରିବର୍ତ୍ତନ' ଏବଂ ବାଂଲାଦେଶର ଆନ୍ଦୋଳନରୁ ପ୍ରେରଣା ନେବା ଭଳି ମନ୍ତବ୍ୟ ଏହା ପଛରେ ଥିବା ଉଦ୍ଦେଶ୍ୟକୁ ସ୍ପଷ୍ଟ କରୁଛି। ଛାତ୍ରଙ୍କ ଆଢୁଆଳରେ ଦେଶରେ ଅରାଜକତା ସୃଷ୍ଟି କରିବା ଓ ରାଜନୈତିକ ବ୍ୟବସ୍ଥାକୁ ଅସ୍ଥିର କରିବା ପାଇଁ ଏହା ଏକ ଯୋଜନାବଦ୍ଧ ଉଦ୍ୟମ ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଧାନ କହିଛନ୍ତି ଯେ ବିଦେଶୀ ଶକ୍ତିଙ୍କ ସହାୟତାରେ କ୍ଷମତା ହାସଲ କରିବାକୁ ସ୍ୱପ୍ନ ଦେଖୁଥିବା ଲୋକେ ବୁଝିବା ଉଚିତ ଯେ ଭାରତରେ କ୍ଷମତା ପରିବର୍ତ୍ତନ କେବଳ ଗଣତାନ୍ତ୍ରିକ ପ୍ରକ୍ରିୟାରେ ହିଁ ହୋଇପାରିବ। ଦେଶର ଜନତା ଅଗଣତାନ୍ତ୍ରିକ ଚିନ୍ତାଧାରାକୁ ଗ୍ରହଣ କରିବେ ନାହିଁ। ସେ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ନିର୍ବାଚନରେ ଜନମତ ନିଜ ସପକ୍ଷରେ ନ ଗଲେ କଂଗ୍ରେସ ଓ ରାହୁଲ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ପ୍ରଶ୍ନ ଉଠାଉଛନ୍ତି।

## ଲଦାଖର ଅଷ୍ଟମ ଜିଲ୍ଲା ହେଲା ସାଙ୍କୁ

ଶ୍ରୀନଗର, ୧୬।୧୦: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ଆଉ ଏକ ନୂଆ ଜିଲ୍ଲା ଗଠନ ହୋଇଛି। ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା ଶୁକ୍ରବାର ସାଙ୍କୁକୁ ଲଦାଖର ଅଷ୍ଟମ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ଏହା ସହ ଅଞ୍ଚଳର ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ନୂଆ ଜିଲ୍ଲା ଗଠନ ଫଳରେ ସ୍ଥାନୀୟ ଲୋକଙ୍କ ପାଖରେ ପ୍ରଶାସନିକ ସେବା ପହଞ୍ଚିବା ସହ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଉପରାଜ୍ୟପାଳ ସାକ୍ସେନା ସୋସିଆଲ୍ ମିଡିଆରେ ଏହି ଘୋଷଣା କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ 'ସବକା ସାଥ୍, ସବକା ବିକାଶ' ଦୃଷ୍ଟିକୋଣ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ସାଙ୍କୁ ଅଞ୍ଚଳର ଲୋକଙ୍କ ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ଏହି ଜିଲ୍ଲା ଗଠନରେ ସ୍ଥାନୀୟ ସାମାଜିକ ଓ ଧାର୍ମିକ ସଂଗଠନ ଅଞ୍ଜୁମନ-ଏ-ସାହିବ ଜମାନର ଭୂମିକାକୁ ଉପରାଜ୍ୟପାଳ ପ୍ରଶଂସା କରିଛନ୍ତି। ସଂଗଠନର ମୁଖ୍ୟ ପୃଷ୍ଠପୋଷକ ସୟଦ ମହମ୍ମଦ ରଜଭି ଏବଂ ଅଧ୍ୟକ୍ଷ ଶେଖ ସାଦିକ ବଲାଗିଙ୍କ ଉଦ୍ୟମକୁ ସେ ସ୍ୱୀକାର କରିଛନ୍ତି। ଏଥିସହ କାର୍ଗିଲ୍ ସ୍ୱୟଂଶାସିତ ପାହାଡ଼ି ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ଡାକ୍ତର ଜାଫର ଅଖୁନ୍, ଲଦାଖର ସାଂସଦ ହନିଫା ଜାନ୍ ଏବଂ ଲେହର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଷଦ ସଦସ୍ୟ ତାଶି ଗ୍ୟାଲସନ୍‌ଙ୍କ ଅବଦାନକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ଏପ୍ରିଲରେ ଲଦାଖରେ ଆଉ ପାଞ୍ଚଟି ଜିଲ୍ଲା—ନୁବ୍ରା, ଶାମ୍, ଚାଙ୍ଗଥାଙ୍ଗ, ଜାନ୍ସକର ଓ ଦ୍ରାସ୍—ଗଠନ ପାଇଁ ଘୋଷଣା କରାଯାଇଥିଲା। ଏହାଦ୍ୱାରା ଜିଲ୍ଲା ସଂଖ୍ୟା ଦୁଇରୁ ସାତକୁ ବୃଦ୍ଧି ପାଇଥିଲା। ଏବେ ସାଙ୍କୁକୁ ଜିଲ୍ଲା କରାଯିବା ପରେ ଲଦାଖରେ ପ୍ରଶାସନିକ ଜିଲ୍ଲା ସଂଖ୍ୟା ଆଠ ହୋଇଛି।

## ୟୁକ୍ରେନକୁ ୩୦୦ ସୈନ୍ୟଙ୍କୁ ହତ୍ୟା କରିବାକୁ ସାହାଯ୍ୟ କରିଥିଲେ ରୁଷ୍ ଅଧିକାରୀ

ୱାସିଂଟନ, ୧୬।୧୦: ରୁଷର ଜଣେ ୨୬ ବର୍ଷୀୟ ସୈନ୍ୟ ଅଧିକାରୀ ଗୁପ୍ତ ଭାବେ ଦେଶ ବିରୋଧରେ ୟୁକ୍ରେନକୁ ଯୁଦ୍ଧରେ ସାହାଯ୍ୟ କରୁଥିଲେ। ସେ ତାଙ୍କ ପଦବିର ବ୍ୟବହାର କରି ନିଜ ଦେଶର ଯୁଦ୍ଧ ଯୋଜନା ଓ ଗୁଇନ୍ଦା ତଥ୍ୟ ୟୁକ୍ରେନକୁ ପ୍ରଦାନ କରୁଥିଲେ, ଯଦ୍ୱାରା ୩୦୦ରୁ ଅଧିକ ରୁଷ୍ ସୈନ୍ୟ ନିହତ ହୋଇଥିଲେ। ପରେ ସେ କିବ୍ ଚାଲି ଯାଇଥିଲେ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ସରକାର ବିରୋଧରେ ଯୁଦ୍ଧ କରିଥିଲେ ବୋଲି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପ୍ରକାଶ କରିଛି। ଲେଫ୍ଟନାଣ୍ଟ ଲେଭ୍ ଷ୍ଟୁପନିକୋଭ୍ ରୁଷ ସେନାରେ ତାଙ୍କ ପଦବିକୁ ବ୍ୟବହାର କରି ୟୁକ୍ରେନୀୟ ଗୁପ୍ତଚର ସଂସ୍ଥା ସହିତ ସମ୍ବେଦନଶୀଳ ସାମରିକ ସୂଚନା ପ୍ରଦାନ କରୁଥିଲେ। ତାଙ୍କର ଭୂମିକା ତାଙ୍କୁ ସୈନ୍ୟ ଗତିବିଧି, ଯୁଦ୍ଧ ଯୋଜନା, ଗୁପ୍ତଚର ଡ୍ରୋନ୍ ଏବଂ ନିରୀକ୍ଷଣ କ୍ୟାମେରାରୁ ଫିଡ୍ ପାଇବାକୁ ସୁଯୋଗ ଦେଇଥିଲା। ତେବେ ଷ୍ଟୁପନିକୋଭ୍‌ଙ୍କୁ ଏଥିପାଇଁ ବ୍ୟକ୍ତିଗତ ମୂଲ୍ୟ ଦେବାକୁ ପଡ଼ିଥିଲା। ୟୁକ୍ରେନରେ ପହଞ୍ଚିବା ପରେ ସେ ମସ୍କୋ ବିରୋଧରେ ଲଢ଼େଇରେ ଯୋଗ ଦେଇଥିଲେ କିନ୍ତୁ ଶେଷରେ ତାଙ୍କ ପତ୍ନୀଙ୍କ ସହ ଯୋଗାଯୋଗ ହରାଇ ଦେଇଥିଲେ। ଷ୍ଟୁପନିକୋଭ୍ ଉଭୟ ରୁଷ୍ ଓ ସେମାନଙ୍କ ବିବାହ ସହିତ ବିଶ୍ୱାସଘାତକତା କରିବାର ଅଭିଯୋଗ କରିଛନ୍ତି। ଷ୍ଟୁପନିକୋଭଙ୍କ ମାଆ, ତାତିଆନା ୟାଣ୍ଟସେନ ମଧ୍ୟ ପୁଟିନଙ୍କର ଜଣେ ଘୋର ବିରୋଧୀ। ୪୯ ବର୍ଷୀୟ ୟାଣ୍ଟସେନ୍ ମଧ୍ୟ ପୁଟିନଙ୍କ ଶାସନ ବିରୋଧରେ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ।

# ତଲାକ୍-ଇ-ହସନ୍ ଉପରେ ସୁପ୍ରିମକୋର୍ଟଙ୍କ ନୋଟିସ୍

## କେନ୍ଦ୍ରକୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୧୬।୧୦: ମୁସଲିମ୍ ପର୍ସନାଲ୍ ଲ' ଅଧୀନରେ ପ୍ରଚଳିତ 'ତଲାକ୍-ଇ-ହସନ୍' ଏବଂ ସମସ୍ତ ପ୍ରକାର ଏକପାଖିଆ ବିବାହ ବିଚ୍ଛେଦ ପ୍ରକ୍ରିୟା ପାଇଁ ସମାନ ଆଇନଗତ ସୁରକ୍ଷା ଓ ନିୟମାବଳୀ ଲାଗୁ କରିବାକୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଶୁକ୍ରବାର ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଟିକୁ ପୂର୍ବରୁ ବିଚାରାଧୀନ ଥିବା ଏକ ସମାନ ଆବେଦନ ସହ ସାମିଲ୍ କରିଛନ୍ତି। ନୂତନ ଭାବେ ଦାଖଲ ହୋଇଥିବା ଏହି ଆବେଦନରେ 'ତଲାକ୍-ଇ-ହସନ୍'କୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରାଯାଇଛି। 'ତଲାକ୍-ଇ-ହସନ୍' ବ୍ୟବସ୍ଥାରେ ଜଣେ ମୁସଲିମ୍ ପୁରୁଷ ଲଗାତାର ତିନି ମାସ ଧରି ପ୍ରତି ମାସରେ ଥରେ ଲେଖାଏଁ 'ତଲାକ୍' ଶବ୍ଦ ଉଚ୍ଚାରଣ କରି ବିବାହ ବିଚ୍ଛେଦ କରିପାରନ୍ତି। ଯଦି ଏହି ତିନି ମାସ ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁନଃ ସମ୍ପର୍କ ସ୍ଥାପନ ନହୁଏ, ତେବେ ତୃତୀୟ ମାସରେ ବିବାହ ବିଚ୍ଛେଦ ଆଇନଗତ ରୂପ ନିଏ। ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏଭଳି ସ୍ୱେଚ୍ଛାଚାରୀ ଛାଡ଼ପତ୍ର ପ୍ରଥା ଯୋଗୁଁ ଆକସ୍ମିକ ଭାବେ ବିଚ୍ଛେଦର ଶିକାର ହେଉଥିବା ମହିଳା ଓ ସେମାନଙ୍କ ସନ୍ତାନମାନଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଜରୁରୀ। ଏହାସହିତ ମୁସଲିମ୍ ପର୍ସନାଲ୍ ଲ' ଆପ୍ଲିକେସନ୍ ଆକ୍ଟ,



୧୯୩୭ ର ଧାରା ୨ କୁ ଅସାମ୍ବିଧାନିକ ଘୋଷଣା କରିବା ସହ ସମସ୍ତ ଧର୍ମର ମହିଳାମାନଙ୍କ ପାଇଁ ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବମୁକ୍ତ) ଏବଂ ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା) ଅନୁଯାୟୀ ଲିଙ୍ଗଗତ ସମାନତା ଓ ସମ୍ମାନଜନକ ଜୀବନଜାପନ ପାଇଁ ସମାନ ଆଇନଗତ ମାର୍ଗଦର୍ଶିକା ସ୍ଥିର କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ମାମଲାରେ ବହୁବିବାହ ପ୍ରଥା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଛି। ପ୍ରଥମ ସ୍ତ୍ରୀର ସମ୍ମତି ଓ ଆର୍ଥିକ ସୁରକ୍ଷା ବିନା କିମ୍ବା ତଥ୍ୟ ଲୁଚାଇ ଦ୍ୱିତୀୟ ବିବାହ କରିବା ମହିଳାମାନଙ୍କ ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି ଆବେଦନରେ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ୨୦୧୭ ମସିହାରେ ସୁପ୍ରିମ୍ କୋର୍ଟ 'ତିନ୍ ତଲାକ୍' ପ୍ରଥାକୁ ଅସାମ୍ବିଧାନିକ ଓ ବେଆଇନ ଘୋଷଣା କରିଥିଲେ।

## ୨୦୨୭ ରେ ଜାପାନକୁ ପଛରେ ପକାଇବ ଭାରତ: ଆଇଏମଏଫ



ନୂଆଦିଲ୍ଲୀ, ୧୬।୧୦ : ମୁଦ୍ରାସ୍ଫୀତିର ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି, ଏହା ଦେଖାଯାଉଛି ଯେ ଭାରତର ଅର୍ଥନୀତି ଦୁର୍ବଳ ହେଉଛି । ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି । ଏହି ସମୟରେ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଜାରି କରିଛି । ଆଇଏମଏଫ ଆକଳନ କରିଛି ଯେ ଭାରତ ୨୦୨୭ ସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହୋଇପାରିବ । ଆଇଏମଏଫ ମଧ୍ୟ ୨୦୨୬ ପାଇଁ ଭାରତର ଅର୍ଥନୀତିକ ଅଭିବୃଦ୍ଧି ଆକଳନକୁ ୭% ବୃଦ୍ଧି କରିଛି । ଏହି ଆକଳନ ସୂଚାଇ ଦିଏ ଯେ ପରିସ୍ଥିତି ଯାହା ହେଉନା କାହିଁକି, ଭାରତର ଅଭିବୃଦ୍ଧି ହାର ନିରନ୍ତର ବୃଦ୍ଧି ପାଉଛି । ଯୁକ୍ତରାଷ୍ଟ୍ର ବିଶ୍ୱର ସର୍ବବୃହତ ଅର୍ଥନୀତି, ତା'ପରେ ଚୀନ୍ ଏବଂ ଜର୍ମାନୀ। ଆଇଏମଏଫ ଆକଳନ ଅନୁଯାୟୀ, ଭାରତ ୨୦୨୭ ସୁଦ୍ଧା ଜାପାନକୁ ପଛରେ ପକାଇପାରେ । ଭାରତର ସ୍ଥିର ଅର୍ଥନୀତିକ ଅଭିବୃଦ୍ଧି ଏହି ପରିବର୍ତ୍ତନର ଏକ ପ୍ରମୁଖ କାରଣ । ଏହି ସମୟରେ, ଜାପାନର ଅର୍ଥନୀତି ମନ୍ଥର ଗତିରେ ବୃଦ୍ଧି ପାଉଛି । ବୃଦ୍ଧ ଜନସଂଖ୍ୟା, ମହଙ୍ଗା ଶକ୍ତି ଏବଂ ବର୍ଦ୍ଧିତ ଆମଦାନୀ ଖର୍ଚ୍ଚ ସେଠାରେ ଆର୍ଥିକ କାର୍ଯ୍ୟକଳାପ ଉପରେ ଚାପ ସୃଷ୍ଟି କରୁଛି। ଆଇଏମଏଫ ଅନୁଯାୟୀ, ଜାପାନର ଅର୍ଥନୀତି ୨୦୨୬ ରେ କେବଳ ୦.୭% ହାରରେ ଅଭିବୃଦ୍ଧି ପାଇବାର ଆକଳନ କରାଯାଇଛି । ଜାପାନରେ ଦୀର୍ଘ ସମୟ ଧରି କମ ମୁଦ୍ରାସ୍ଫୀତି ପରେ, ୨୦୨୨ ପର ଠାରୁ ଗ୍ରାହକ ମୂଲ୍ୟ ସ୍ଥିର ଭାବରେ ବୃଦ୍ଧି ପାଇଛି । ଇରାନ ଯୁଦ୍ଧ ମଧ୍ୟ ଅଶୋଧିତ ତେଲ ସମେତ ଶକ୍ତି ମୂଲ୍ୟରେ ବୃଦ୍ଧି ପାଇଛି, ଯାହା ଚାପ ସୃଷ୍ଟି କରିଛି । ଏହା ବ୍ୟତୀତ, ଆମେରିକୀୟ ଡଲାର ତୁଳନାରେ ଜାପାନୀ ୟେନର ଦୁର୍ବଳତା ବିଦେଶରୁ ସାମଗ୍ରୀ କ୍ରୟକୁ ଅଧିକ ମହଙ୍ଗା କରିଛି। ଆଇଏମଏଫର ଏସିଆ ଏବଂ ପ୍ରଶାନ୍ତ ବିଭାଗର ନିର୍ଦ୍ଦେଶକ କୃଷ୍ଣ ଶ୍ରୀନିବାସନଙ୍କ ଅନୁଯାୟୀ, ଜାପାନରେ କୃତ୍ରିମ ବୁଦ୍ଧିମତ୍ତାରେ ନିବେଶ ବୃଦ୍ଧି ପାଉଥିଲେ ମଧ୍ୟ, ଏହାର ଲାଭ ଅନ୍ୟ କିଛି ଏସୀୟ ଦେଶ ତୁଳନାରେ କମ୍ ଦୃଶ୍ୟମାନ।

## ଆସନ୍ତା ୨୦ରେ ରୁବିଓଙ୍କ ସହ ଜୟଶଙ୍କରଙ୍କ ଆଲୋଚନା

ନୂଆଦିଲ୍ଲୀ, ୧୬।୧୦: ବିଦେଶ ବ୍ୟାପାର ମନ୍ତ୍ରାଳୟ ଶୁକ୍ରବାର ସ୍ପଷ୍ଟ କରିଛି ଯେ ବିଦେଶ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଆସନ୍ତା ଅକ୍ଟୋବର ୨୦ ତାରିଖରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓଙ୍କ ସହ କଥାବାର୍ତ୍ତା କରିବେ। ଏଥିସହ ଅକ୍ଟୋବର ୧୯ ଓ ୨୦ ତାରିଖରେ ସେ ୟୁଏଇର ଉପପ୍ରଧାନମନ୍ତ୍ରୀ ତଥା ବିଦେଶ ମନ୍ତ୍ରୀ ଅବଦୁଲ୍ଲା ବିନ୍ ଜାୟେଦ ଅଲ ନାହୟାନଙ୍କୁ ମୁମ୍ବାଇରେ ଆତିଥ୍ୟ ପ୍ରଦାନ କରିବେ। ଆସନ୍ତା ସପ୍ତାହରେ ଜୟଶଙ୍କର ମୁମ୍ବାଇରେ କୌଣସି ବୈଠକ କରୁଛନ୍ତି କି ବୋଲି ଏକ ପ୍ରଶ୍ନର ଉତ୍ତରରେ ବିଦେଶ ବ୍ୟାପାର ମନ୍ତ୍ରାଳୟ (ଏମ୍ଇଏ) ମୁଖପାତ୍ର ରଣଧୀର ଜୈସୱାଲ ଏହି ସୂଚନା ଦେଇଛନ୍ତି। ଜୟଶଙ୍କର ଅକ୍ଟୋବର ୨୦ ତାରିଖରେ ରୁବିଓଙ୍କ ସହ କଥାବାର୍ତ୍ତା କରିବା ସହ ଆମେରିକାର ସ୍ୱାଧୀନତାର ୨୫୦ ବର୍ଷ ପୂର୍ତ୍ତି ଉତ୍ସବରେ ସମ୍ମାନିତ ଅତିଥି (ଗେଷ୍ଟ୍ ଅଫ୍ ଅନର) ଭାବେ ଯୋଗ ଦେବେ ବୋଲି ସେ କହିଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ବାହାରେ ବିଦେଶୀ ପ୍ରତିନିଧିଙ୍କୁ ଆତିଥ୍ୟ ପ୍ରଦାନ କରିବା ଆଦୌ ଅସାଧାରଣ ଘଟଣା ନୁହେଁ ବୋଲି ଜୈସୱାଲ କହିଛନ୍ତି। ଗତ ଦଶନ୍ଧି ଧରି ଦିଲ୍ଲୀ ବାହାରେ ବିଦେଶୀ ପ୍ରତିନିଧିଙ୍କୁ ଆତିଥ୍ୟ ପ୍ରଦାନ କରାଯାଉଛି।

## ବିଶ୍ୱ ବାଣିଜ୍ୟ ସ୍ୱାର୍ଥରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବ : ନିର୍ମଳା ସୀତାରମଣ

ନୂଆଦିଲ୍ଲୀ, ୧୬।୧୦: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର ଆଶା ବ୍ୟକ୍ତ କରିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ବିଶ୍ୱ ବାଣିଜ୍ୟ ଏବଂ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କର ସ୍ୱାର୍ଥରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯଥାଶୀଘ୍ର ସମାପ୍ତ ହେବ। ବ୍ୟାଙ୍କକ୍ (ଥାଇଲାଣ୍ଡ) ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି-ବିଶ୍ୱ ବ୍ୟାଙ୍କ ବାର୍ଷିକ ବୈଠକ ସମୟରେ ରେସିଡେଣ୍ଟ ସିନିୟର ଫେଲୋ (ଦକ୍ଷିଣ ଏସିଆ) ମାଇକେଲ କୁଗେଲମ୍ୟାନଙ୍କ ସହ ଏକ ଇଣ୍ଟରାକ୍ଟିଭ୍ ଅଧିବେଶନରେ ନିର୍ମଳା ଏହା କହିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ 'ଏକ୍ସ' ରେ ଏକ ପୋଷ୍ଟରେ କହିଛି।

## ସ୍ୱାମୀଙ୍କୁ ହତ୍ୟା: ପତ୍ନୀ ଓ ପ୍ରେମିକଙ୍କୁ ଫାଶୀ ଦଣ୍ଡାଦେଶ

ନୂଆଦିଲ୍ଲୀ, ୧୬।୧୦: ସ୍ୱାମୀଙ୍କୁ ହତ୍ୟା କରି ତାହାକୁ ସାପ କାମୁଡ଼ା ଜନିତ ମୃତ୍ୟୁ ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିବା ପତ୍ନୀ ଓ ତାଙ୍କ ପ୍ରେମିକଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି ମେରଠର ଏକ ଅଦାଲତ । ଏହି ମାମଲାକୁ ବିରଳରୁ ବିରଳତମ ବୋଲି ବିବେଚନା କରିଛନ୍ତି ଅଦାଲତ । ଦୋଷୀ ସାବ୍ୟସ୍ତ ମହିଳା ରବିତା ଓ ତାଙ୍କ ପଡ଼ୋଶୀ ପ୍ରେମିକ ଅମରଦୀପଙ୍କୁ ଏହି ଦଣ୍ଡ ଶୁଣାଯାଇଛି ।ମେରଠର ଅତିରିକ୍ତ ଜିଲ୍ଲା ଜଜ୍-୧୨ଙ୍କ ଅଦାଲତ ଗତ ଅକ୍ଟୋବର ୭ ତାରିଖରେ ଉଭୟଙ୍କୁ ହତ୍ୟା ଓ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଶୁକ୍ରବାର



ଦଣ୍ଡାଦେଶ ଶୁଣାଇବା ବେଳେ ଅଦାଲତ ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଇଥିଲେ। ଘଟଣାଟି ୨୦୨୫ ଏପ୍ରିଲ ୧୨ ତାରିଖର। ଉତ୍ତରପ୍ରଦେଶର ମେରଠ ଜିଲ୍ଲା ଅକବରପୁର ସାଦାତ ଗାଁରେ ଅମିତ କଶ୍ୟପ ଓରଫ ମିକ୍କିଙ୍କ ମୃତଦେହ ତାଙ୍କ ଘରୁ ମିଳିଥିଲା। ମୃତଦେହ ତଳେ ଏକ ସାପ ଥିବାରୁ ପ୍ରଥମେ ପରିବାର ଲୋକେ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରିଥିଲେ। କିନ୍ତୁ ମୃତଦେହର ବେକରେ ଆଘାତ ଚିହ୍ନ ଓ ଶରୀରରେ ରାମ୍ପୁଡ଼ା ଦାଗ ଦେଖିବା ପରେ ସନ୍ଦେହ ବଢ଼ିଥିଲା ।ପୋଷ୍ଟମର୍ଟମ ରିପୋର୍ଟରୁ ଅମିତଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ହେବା କାରଣରୁ ହୋଇଥିବା ଜଣାପଡ଼ିଥିଲା। ଅଭିଯୋଗ ଅନୁଯାୟୀ, ରବିତା ଓ ଅମରଦୀପ ମିଶି ଅମିତଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଣାକୁ ସାପ କାମୁଡ଼ାର ରୂପ ଦେବାକୁ ଯୋଜନା କରିଥିଲେ।

## ଉଡ଼ନ୍ତା କାରର ଡେମୋ ଦେଖାଇଲା ଟେସ୍‌ଲା




ନୂଆଦିଲ୍ଲୀ, ୧୬।୧୦: ବିଶ୍ୱର ୧ ନମ୍ବର ଧନୀ ବ୍ୟବସାୟୀ ଏଲନ୍ ମସ୍କଙ୍କ କାର୍ କମ୍ପାନି 'ଟେସଲା' ପୁଣି ଥରେ ଅଟୋମୋବାଇଲ୍ ଜଗତରେ ହଇଚଇ ସୃଷ୍ଟି କରିଛି । କାରଣ ଟେସଲା ଏହାର 'ରୋଡଷ୍ଟର' ସେକେଣ୍ଡ ଜେନେରେସନ୍ ଇଲେକ୍ଟ୍ରିକ୍ କାରର ଏକ ସ୍ୱତନ୍ତ୍ର ଡେମୋ ପ୍ରଦର୍ଶନ କରିଛି । ଏହାର ବିଶେଷତ୍ୱ ହେଉଛି, ଏହା ଏକ ଉଡ଼ନ୍ତା କାର୍ । କମ୍ପାନି ଦେଖାଇଥିବା ଡେମୋରେ ଗାଡ଼ିଟି ଆକାଶରେ ଉଡ଼ିବା ସହ ଚମତ୍କାର ଷ୍ଟଣ୍ଟ ଦେଖାଇ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରିଛି । ପ୍ରଦର୍ଶନ ସମୟରେ ଟେସଲା ରୋଡଷ୍ଟର ଏକ ବଡ଼ ଅର୍ଦ୍ଧଗୋଲାକାର ରାମ୍ପ ଉପରେ ଚଢ଼ି ଓଲଟି ଯାଇଥିଲା। ଏହାପରେ ଗାଡ଼ିଟି ଶୂନ୍ୟରେ ଉଡ଼ିବା ସହ ଆକାଶରେ ଦିଗ ପରିବର୍ତ୍ତନ କରି ପୁନର୍ବାର ସୁରକ୍ଷିତ ଭାବେ ଓହ୍ଲାଇଥିଲା। ଏହି କାରରେ ରକେଟରେ ବ୍ୟବହୃତ ହେଉଥିବା ବିଶେଷ 'କୋଲ୍ଡ ଗ୍ୟାସ୍ ଥ୍ରଷ୍ଟର' ସଂଯୋଗ କରାଯାଇଛି। ଟେସଲା ଏବଂ ସ୍ପେସଏକ୍ସର ରକେଟ୍ ଇଞ୍ଜିନିୟରମାନେ ମିଳିତ ଭାବେ ଏହି ବୈଷୟିକ ଜ୍ଞାନକୌଶଳ ବିକଶିତ କରିଛନ୍ତି । କାର ଭିତରେ ଥିବା ଅଲଟ୍ରା-ହାଇ ପ୍ରେସର୍ ଏୟାର ଟ୍ୟାଙ୍କ୍ ଏବଂ ଆଲଟିଚ୍ୟୁଡ୍ ଥ୍ରଷ୍ଟର ସାହାଯ୍ୟରେ ଗାଡ଼ିକୁ ଆକାଶକୁ ଉଠାଇବା ସହ କଣ୍ଟ୍ରୋଲ୍ କରାଯାଇପାରୁଛି । ଏହି ସୁପରକାର ନିଜର ଦ୍ରୁତ ବେଗରେ ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ମାତ୍ର ୦.୮୧ ସେକେଣ୍ଡ ମଧ୍ୟରେ ୦ରୁ ୯୭ କିଲୋମିଟର (୬୦ ମାଇଲ୍) ପ୍ରତିଘଣ୍ଟାର ବେଗ ହାସଲ କରିପାରିବ। ତେବେ ଟେସଲାର ସିଇଓ ଏଲନ୍ ମସ୍କଙ୍କ ସୂଚନା ଅନୁଯାୟୀ, ଏହି ଗାଡ଼ିର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ସଫଳ ହୋଇଛି।

### ସିଏମ୍ଆରଏଲ୍ ଲାଞ୍ଚ ମାମଲା

## ପିନାରାୟୀ ବିଜୟନଙ୍କୁ ୨୩ ଅକ୍ଟୋବରରେ ହାଜର ହେବାକୁ ଇଡି ସମନ



ତିରୁଅନନ୍ତପୁରମ, ୧୬।୧୦: ସିଏମ୍ଆରଏଲ୍ ସମ୍ପର୍କିତ ଲାଞ୍ଚ ମାମଲାରେ ପଚରାଉଚରା କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ କେରଳମ୍ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ସମନ ଜାରି କରିଛି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ ସମନ ଜାରି କରାଯାଇଛି। କେନ୍ଦ୍ରୀୟ ଏଜେନ୍ସି ଏହି ମାମଲାରେ ସମ୍ପ୍ରତି ରାଜ୍ୟ ପୁଲିସ ଏଫ୍ଆଇଆରକୁ ବିଚାରକୁ ନେଇ ମାମଲା ରୁଜୁ କରିଛି। ୮୧ ବର୍ଷୀୟ ବିଜୟନଙ୍କୁ କୋଚିରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। କେରଳମ୍ ଭିଜିଲାନ୍ସ ଓ ଦୁର୍ନୀତି ନିରୋଧ ବ୍ୟୁରୋ (ଭିଏସିବି) ସିଏମ୍ଆରଏଲ୍ ଲାଞ୍ଚ ମାମଲାରେ ବିଜୟନ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଦୁଇଟି ଏତଲା ରୁଜୁ କରିଛନ୍ତି। କେରଳ ହାଇକୋର୍ଟ ଅକ୍ଟୋବର ୯ ତାରିଖରେ ଭିଏସିବିକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ଏଜେନ୍ସି ଏହାର ତଦନ୍ତ ଓ ମନି ଲଣ୍ଡରିଂ ଆଇନ ଅନୁଯାୟୀ କରାଯାଇଥିବା ତଲାସି ସମୟରେ ସଂଗୃହୀତ ପ୍ରମାଣ ଆଧାରରେ ମାମଲା ପଞ୍ଜିକରଣ କରିବାକୁ ଅନୁରୋଧ କରିଥିଲା। ଇଡି ଅଭିଯୋଗ କରିଛି ଯେ, ସିଏମ୍ଆରଏଲ୍ ବିଜୟନଙ୍କ ଝିଅ ବୀଣାଙ୍କ ବର୍ତ୍ତମାନ ବନ୍ଦ ହୋଇଯାଇଥିବା କମ୍ପାନି, ଏକ୍ସାଲୋଜିକ୍ ସଲ୍ୟୁସନ୍ସକୁ ଆଇଟି ପରାମର୍ଶ ସେବାର ଆଳ ଦେଖାଇ ୨.୭୮ କୋଟି ଟଙ୍କାର ପେମେଣ୍ଟ କରିଛି । ଶୁକ୍ରବାର ବିଜୟନ ଏଫ୍ଆଇଆର୍ ପଞ୍ଜିକରଣ ପାଇଁ କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

### ରୁଷକୁ ଜେଲେନସ୍କିଙ୍କ କଡ଼ା ଚେତାବନୀ

# ଆମେ ଆଉ ସହିବୁ ନାହିଁ

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ୍ ଯୁଦ୍ଧରେ ପୁଣି ତେଜିଲା ଉତ୍ତେଜନା। ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ, ଏବେ ରୁଷର ତୈଳ ଭିତ୍ତିଭୂମିକୁ ଟାର୍ଗେଟ୍ କରିବାକୁ ସଙ୍କେତ ଦେଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି । ତାଙ୍କର କଡ଼ା ଆଭିମୁଖ୍ୟ, ଆମେ ଆଉ ସହିବୁ ନାହିଁ। ରୁଷ ଯଦି ୟୁକ୍ରେନର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଜାରି ରଖିବ, ତେବେ ୟୁକ୍ରେନ୍ ମଧ୍ୟ ରୁଷର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିବ ବୋଲି ସଙ୍କେତ ମିଳିଛି। ଖବର ଅନୁସାରେ, ରୁଷର ରାଜାନ୍ ଅଞ୍ଚଳରେ ଥିବା ଏକ ବଡ଼ ତୈଳ ବିଶୋଧନାଗାର ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ହୋଇଛି। ଏହି ବିଶୋଧନାଗାର ରୁଷର ସରକାରୀ ତୈଳ କମ୍ପାନୀ ରୋସନେଫ୍ଟ ଦ୍ୱାରା ପରିଚାଳିତ। ରୁଷର ତୈଳ ବିଶୋଧନ କ୍ଷମତାରେ ଏହାର ଏକ ବଡ଼ ଭାଗ ରହିଥିବା ବେଳେ, ମସ୍କୋକୁ



ଇନ୍ଧନ ଯୋଗାଣରେ ମଧ୍ୟ ଏହାର ଗୁରୁତ୍ୱ ରହିଛି । ତେଣୁ ଏହି ଆକ୍ରମଣ ରୁଷର ଶକ୍ତି କ୍ଷେତ୍ର ଉପରେ ଚାପ ସୃଷ୍ଟି କରିପାରେ। ଜେଲେନସ୍କିଙ୍କ ଅଭିଯୋଗ ହେଉଛି, ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ରୁଷ ୟୁକ୍ରେନର ବିଦ୍ୟୁତ୍ କେନ୍ଦ୍ର ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ଆକ୍ରମଣ ଜାରି ରଖିଛି । ଫଳରେ ଲକ୍ଷ ଲକ୍ଷ ଲୋକଙ୍କୁ ବିଦ୍ୟୁତ୍ ସଙ୍କଟର ସାମ୍ନା କରିବାକୁ ପଡୁଛି । ଏଭଳି ସ୍ଥିତିରେ ୟୁକ୍ରେନ୍ ଆଉ ସଂଯମତା ଅବଲମ୍ବନ କରିବ ନାହିଁ ବୋଲି ଜେଲେନସ୍କିଙ୍କ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି। ଅନ୍ୟପଟେ ଏହି ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ମଧ୍ୟ ପଡ଼ିବା ଆଶଙ୍କା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୈଳ ଦର ହ୍ରାସ କରିବା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଏଭଳି ଆକ୍ରମଣ ତେଲ ଯୋଗାଣ ଓ ଦରକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି । ରୁଷ ପକ୍ଷରୁ ମଧ୍ୟ ୟୁକ୍ରେନର ଆକ୍ରମଣକୁ ଶାନ୍ତି ପ୍ରୟାସ ପାଇଁ ବାଧା ବୋଲି କୁହାଯାଇଛି । ଏହାରି ଭିତରେ ୟୁକ୍ରେନ୍ ସେନାର ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ବ୍ୟବହାରକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି । ଯୋଗାଯୋଗ ବ୍ୟବସ୍ଥାରେ କଟକଣା ଡ୍ରୋନ୍ ପରିଚାଳନାକୁ ପ୍ରଭାବିତ କରୁଥିବା ନେଇ ୟୁକ୍ରେନ୍ ପକ୍ଷରୁ ଚିନ୍ତା ପ୍ରକାଶ ପାଇଛି । ତେବେ ରୁଷ-ୟୁକ୍ରେନ୍ ଯୁଦ୍ଧରେ ଏହି ନୂଆ ମୋଡ଼ ଆଗକୁ କେଉଁ ରୂପ ନେବ ? ରୁଷର ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ ବଢ଼ିଲେ, ଏହାର ପ୍ରଭାବ କେବଳ ଯୁଦ୍ଧକ୍ଷେତ୍ରରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ଅର୍ଥନୀତି ଓ ଇନ୍ଧନ ବଜାର ଉପରେ ମଧ୍ୟ ପଡ଼ିପାରେ। ଏବେ ସମସ୍ତଙ୍କ ନଜର ଜେଲେନସ୍କିଙ୍କ ପରବର୍ତ୍ତୀ ପଦକ୍ଷେପ ଓ ରୁଷର ପ୍ରତିକ୍ରିୟା ଉପରେ ।

### ସାଇବର ଠକେଇ ମାମଲା

## ୧୦୦ ମୋବାଇଲ୍ ସହ ୩୫ ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ କଲା ପୋଲିସ



ସମ୍ବଲପୁର: ସମ୍ବଲପୁରରେ ସାଇବର ଠକେଇ ମାମଲାରେ ଟଙ୍କା ସହ ଜବତ ମୋବାଇଲ୍ ଫେରସ୍ତ । ଠକେଇର ଶିକାର ହୋଇଥିବା ଲୋକଙ୍କୁ ହରାଇଥିବା ଟଙ୍କା ଓ ମୋବାଇଲ ଜବତ କରି ଫେରାଇଛି ପୋଲିସ । ଗତ ଦୁଇ ମାସ ମଧ୍ୟରେ ସମ୍ବଲପୁର ସାଇବର କ୍ରାଇମ୍ ପୋଲିସ ଏବଂ ଇକୋନୋମିକ୍ ଅଫେନସ୍ସେ ୱିଙ୍ଗ ପକ୍ଷରୁ ମୋଟ ୩୫ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି । ସୂଚନା ଅନୁସାରେ ମନି ରିଷ୍ଟୋରେସନ୍ ମୋଡ୍ୟୁଲ୍ ପୋର୍ଟାଲ୍ ମାଧ୍ୟମରେ ୬ ଲକ୍ଷ ୩୮ ହଜାର ,୯୨୫ ଟଙ୍କା ଏବଂ ଅତିରିକ୍ତ ଭାବରେ ୨ ଲକ୍ଷ ୨୫ ହଜାର ୦୭୫ ଟଙ୍କା ଉଦ୍ଧାର କରାଯାଇ ୭୪ ଜଣଙ୍କୁ ପ୍ରଦାନ କରାଯାଇଛି । ଏହି ଅଭିଯାନରେ ସମ୍ବଲପୁର ପୋଲିସ ପକ୍ଷରୁ ୧୦୦ଟି ହଜିଥିବା ଏବଂ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସାଇବର ଅପରାଧୀଙ୍କ ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲୋକଙ୍କ ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସମ୍ବଲପୁର ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛି ବୋଲି ଅତିରିକ୍ତ ଏସପି କହିଛନ୍ତି ।

## ବେପରୁଆ ଚାଳକଙ୍କ ଉପରେ ଟ୍ରାଫିକ୍ ପୋଲିସର ନଜର



ଭୁବନେଶ୍ୱର(ନି.ପ୍ର) : ପାର୍ବଣ ସମୟରେ ରାଜଧାନୀ ଭୁବନେଶ୍ୱରରେ ଦୁର୍ଘଟଣା ରୋକିବାକୁ ଟ୍ରାଫିକ୍ ପୋଲିସର ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ କରିଛି । ସହରରେ ବାରମ୍ବାର ସଡ଼କ ଦୁର୍ଘଟଣା ନେଇ ଚିନ୍ତା ବଢୁଛି । ପାର୍ବଣ ସମୟରେ ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଉଛି । ରାଜଧାନୀରେ ଦୁର୍ଘଟଣା ରୋକିବାକୁ ଟ୍ରାଫିକ୍ ପୋଲିସ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି । ପୂଜା ସମୟରେ ୭୩ ଅଫିସର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ନିୟୋଜିତ ହେବେ । ଏଥିସହିତ ଟ୍ରାଫିକ ପୋଲିସକୁ ସହଯୋଗ କରିବାକୁ ୧୫ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ । ଦୁର୍ଘଟଣା ରୋକିବାକୁ ଜନ ସଚେତନତା ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି ଏହି ପ୍ରକ୍ରିୟା ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ମଦ୍ୟପାନ କରି ଗାଡ଼ି ଚାଳନା ଓ ଦ୍ରୁତଗତିରେ ଗାଡ଼ି ଚଳାଇବାରୁ ନିବୃତ୍ତ ରହିବାକୁ ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ ଅପିଲ୍ କରିଛନ୍ତି । ପାର୍ବଣରେ ଭିଡ଼ ନିୟନ୍ତ୍ରଣ ସହ ସୁଗମ ଯାତାୟାତ ଉପରେ ଫୋକସ୍ କରାଯାଇଛି । ଟ୍ରାଫିକ୍ ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ମଦ୍ୟପାନ କରି ଗାଡ଼ି ଚାଳନା ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ କଡ଼ା ନଜର ରଖାଯିବ । ତେବେ ପୋଲିସ ପକ୍ଷରୁ ଜାରି କରାଯାଇଥିବା ରୁଟ ଲାଇନ ଆଧାରରେ ଗାଳିଚଳାଚଳ କରାଯିବ । ଉଲ୍ଲେଖଥାଉ କି, ପୂଜାକୁ ଦୃଷ୍ଟିରେ ରଖି ଯାନବାହନଗୁଡ଼ିକର ସୁନିୟନ୍ତ୍ରିତ ଚଳାଚଳ, ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ କମିଶନରେଟ୍ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ଅକ୍ଟୋବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ (୬ଦିନ) ଅପରାହ୍ନ ୨ଟାରୁ ରାତି ୨ଟା ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି । ପୂଜା ୬ ଦିନରେ କୌଣସି ଭାରୀଯାନ ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ଯାଇପାରିବେ ନାହିଁ । ପୋଲିସ କଟକଣା ଅନୁଯାୟୀ- ରସୁଲଗଡ଼ ଛକଠାରୁ ଲିଙ୍ଗିପୁର ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ବମିଖାଲ, ଲକ୍ଷ୍ମୀସାଗର, କଳ୍ପନା, ରବି ଟକିଜ୍ ଏବଂ ସାମନ୍ତରାପୁର ଛକ ସଂଲଗ୍ନ ରାସ୍ତା) ଦେଇ କୌଣସି ଭାରୀଯାନ ଚଳାଚଳ କରିବା ଉପରେ କଟକଣା ଜାରି କରାଯାଇଛି ।

## କଳାମୁଗୁନି ପଥର ଚୋରାଚାଲାଣ ଅଭିଯୋଗ



ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଗ୍ରାମ ତଳସାହିରେ କଳା ମୁଗୁନି ପଥର ଭାଙ୍ଗି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପରେ କ୍ରମିକ ନମ୍ବର ହୋଇଥିଲା ଏବଂ ଅଭିଯୋଗ ସ୍ଥାନୀୟ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ଅଭିଯୋଗ ଅନୁଯାୟୀ, ଘଟଣା ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଦାୟୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାରେ ବିଳମ୍ବ ହେବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି । ଅନ୍ୟପକ୍ଷରେ,ଏହି ଘଟଣାରେ ଅଭିଯୋଗ କରିଥିବାଙ୍କ ଘରୋଇ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏନେଇ ସେ ଫତେଗଡ଼ ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ପଥର ଚୋରାଚାଲାଣ ଏବଂ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଘଟଣା ତଦନ୍ତ କରିବା ପାଇଁ ଦାବି ହୋଇଛି । ଘଟଣାର ପ୍ରାୟ ୧୪ ଦିନ ପରେ ନୟାଗଡ଼ ବିଦ୍ୟୁତ ବିଭାଗ କର୍ମଚାରୀମାନେ ପହଞ୍ଚି ନିମାଇଁ ଚରଣ ପ୍ରଧାନଙ୍କ ଘରେ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରିବା ସହ ନୂତନ ବିଦ୍ୟୁତ୍ ମିଟର ଲଗାଇଥିବା ଜଣାପଡ଼ିଛି । ଏହି ଘଟଣାରେ ତହସିଲ ପ୍ରଶାସନ ଓ ଫତେଗଡ଼ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାଯାଇଛି । କଳାମୁଗୁନି ପଥରର କଥିତ ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହ ଘଟଣାର ସତ୍ୟାସତ୍ୟ ଉଦଘାଟନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

## ଦୁର୍ଗାପୂଜା ପାଇଁ କଟକରେ ମୁତୟନ ହେବେ ୬୦ ପ୍ଲାଟୁନ ପୁଲିସ



କଟକ(ନିପ୍ର): ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ କଟକ ସହରରେ ବ୍ୟାପକ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂଜା ସମୟରେ ସହରରେ ମୋଟ ୬୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ । ଏନେଇ କଟକ ଡିସିପି ରିଷିକେଶ ଖିଲାରୀ ସୂଚନା ଦେଇଛନ୍ତି । ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ । ଏଥିପାଇଁ ୫୦୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କ ସହ ୬ ପ୍ଲାଟୁନ ସିଏପିଏଫ୍ ଯବାନ ମଧ୍ୟ ମୁତୟନ ରହିବେ । ସହରର ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖାଯିବ । ଏଥିସହ ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଏବଂ ଆବଶ୍ୟକ ସମୟରେ ତ୍ୱରିତ ପଦକ୍ଷେପ ନେବା ପାଇଁ ସମ୍ବେଦନଶୀଳ ଅଞ୍ଚଳରେ ସ୍ପେଶାଲ୍ ଟିମ୍ ମୁତୟନ କରାଯିବ । ଅନ୍ୟପକ୍ଷରେ, ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ୧୩୦୦ଟି ସିସିଟିଭି କ୍ୟାମେରା ମାଧ୍ୟମରେ ବିଭିନ୍ନ ସ୍ଥାନ ଉପରେ ନଜର ରଖାଯିବ । ପୁଲିସ ପକ୍ଷରୁ ନିଆଯାଇଥିବା ଏହି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଦ୍ୱାରା ଦୁର୍ଗାପୂଜା ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଶ୍ରଦ୍ଧାଳୁଙ୍କ ଯାତାୟାତକୁ ସୁଗମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

### ସାକ୍ଷୀଙ୍କୁ ଧମକ ଅଭିଯୋଗ ମାମଲା

## ଦ୍ୱିତୀୟ ଥର ଥାନାରେ ହାଜର ହେଲେ ବିକ୍ରମ ପଣ୍ଡା

ବ୍ରହ୍ମପୁର: ଜେଲ୍‌ରେ ରହି ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ମୋବାଇଲ୍ ଫୋନ୍‌ରେ ସାକ୍ଷୀଙ୍କୁ ଧମକଚମକ ଦେବା ଘଟଣା । ପୁଣି ଗୋସାଇଁନୂଆଗାଁ ଥାନାରେ ହାଜର ହୋଇଛନ୍ତି ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା । ଏହି ଘଟଣାରେ ସେ ଦ୍ୱିତୀୟ ଥର ପାଇଁ ଥାନାରେ ହାଜର ହୋଇ ପୁଲିସର ତଦନ୍ତରେ ସହଯୋଗ କରିଛନ୍ତି । ୬ ତାରିଖରେ ପ୍ରଥମ ଥର ହାଜର ହୋଇଥିଲେ ବିକ୍ରମ ପଣ୍ଡା । ସୂଚନା ଅନୁଯାୟୀ, ଲଳିତ ମଙ୍ଗରାଜ ଏନେଇ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁଲିସ ବିକ୍ରମ ପଣ୍ଡାଙ୍କୁ ନୋଟିସ୍ ଜାରି କରି ଥାନାକୁ ଡାକିଥିଲା । ନୋଟିସ୍ ଅନୁଯାୟୀ ସେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପୁଲିସର ପ୍ରଶ୍ନର ଉତ୍ତର ଦେଇଥିବା କହିଛନ୍ତି । ଥାନାରୁ ବାହାରିବା ପରେ ବିକ୍ରମ ପଣ୍ଡା କହିଛନ୍ତି ଯେ, ପୁଲିସ ଯାହା ପଚାରିଲା, ସେ ସବୁ କହିଛନ୍ତି ଏବଂ ତଦନ୍ତରେ ସହଯୋଗ କରିଛନ୍ତି । ଅନ୍ୟପଟେ, ଆସନ୍ତା ୨୮ ତାରିଖରେ ପୁଣି ଥାନାରେ ହାଜର ହେବାକୁ କୁହାଯାଇଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି । ଉଲ୍ଲେଖ ଯୋଗ୍ୟ, ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୫ ତାରିଖରେ ବ୍ରହ୍ମପୁର ଏଡିଜେ-୩ କୋର୍ଟରେ ହାଜର ହୋଇଥିଲେ ବିକ୍ରମ ପଣ୍ଡା । ତାଙ୍କ ସହ ଅନ୍ୟ ଅଭିଯୁକ୍ତ ରାଜେନ୍ଦ୍ର ସାହୁ ମଧ୍ୟ କୋର୍ଟରେ ହାଜର ହୋଇଥିଲେ । ହତ୍ୟାରେ ବ୍ୟବହୃତ ବାଇକ୍ ଚୋରି କରି ବିକ୍ରି କରିଥିବା ଅଭିଯୋଗ ରାଜେନ୍ଦ୍ରଙ୍କ ବିରୋଧରେ ରହିଛି । ତାଙ୍କୁ ପ୍ରଥମେ କୋର୍ଟ ଜାମିନ ପ୍ରଦାନ କରିଥିଲେ । ଏହି ମାମଲାରେ ବିକ୍ରମ ପଣ୍ଡାଙ୍କ ଡିସଚାର୍ଜ ପିଟିସନ୍‌ର ରାୟ ଶୁଣାଣି ହେବାର ଥିଲା । ତେବେ ଏହା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିବାରୁ ଶୁଣାଣି ହୋଇପାରି ନାହିଁ । ଏହି ମାମଲାର ଅନ୍ୟ ଅଭିଯୁକ୍ତ ମଦନ ଦଳେଇ ଓ ମଳୟ ବିଷୋୟୀ ମଧ୍ୟ ହାଇକୋର୍ଟରେ ଡିସଚାର୍ଜ ପିଟିସନ୍ ଦାଖଲ କରିଛନ୍ତି । ସେମାନଙ୍କ ପିଟିସନକୁ ନେଇ ମଧ୍ୟ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି ।

## ଖରସ୍ରୋତା ନଦୀରେ ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର

ଯାଜପୁର: ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର । ଯାଜପୁର ଖରସ୍ରୋତା ନଦୀରେ ବଡ଼ ଅଘଟଣ । ନିଖୋଜ ବୃଦ୍ଧ ଜଣକ ହେଲେ କୋରେଇ ବ୍ଲକ ତଣ୍ଡରା ଗ୍ରାମ ପଞ୍ଚାୟତ ବରେଇ ଗାଁର ୬୭ ବର୍ଷୀୟ ଗଜେନ୍ଦ୍ର ମାଝୀ । ନିକଟ ନଦୀକୁ ଶୌଚ ପାଇଁ ଯାଇଥିଲେ ବୃଦ୍ଧ । ସୂଚନା ଅନୁଯାୟୀ, ଗଜେନ୍ଦ୍ର ନଦୀକୁ ଶୌଚ ପାଇଁ ଯାଇଥିବା ସମୟରେ ଅଘଟଣ ଘଟିଥିଲା । କୁମ୍ଭୀର ତାଙ୍କୁ ନଦୀ ଭିତରକୁ ଟାଣିନେଇଥିବା ଜଣାପଡ଼ିଛି । ତେବେ ଏଯାଏଁ ତାଙ୍କର କୌଣସି ପତ୍ତା ମିଳିନାହିଁ । ଏହି ଘଟଣାକୁ ନେଇ ଗାଁଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

## ସଡ଼କ ଦୁର୍ଘଟଣାରେ ମାଆ ମୃତ, ବାପା-ପୁଅ ଗୁରୁତର



ରାଜନଗର : ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାଆ ମୃତ, ବାପା-ପୁଅ ଗୁରୁତର । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ହଂସୁଆ ସେତୁ ଉପରେ ଭୟଙ୍କର ଦୁର୍ଘଟଣା । ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଗାଁର ପିଙ୍କି ମଣ୍ଡଳ ସ୍ୱାମୀ ମିଥୁନଙ୍କ ସହିତ ତାଙ୍କ ପୁଅକୁ ନେଇ ରାଜନଗର ମେଡିକାଲ ଯାଇଥିଲେ । ମେଡିକାଲରୁ ଫେରିବା ବେଳେ ହଂସୁଆ ସେତୁ ଉପରେ ଦ୍ରୁତ ଗତିରେ ଆସୁଥିବା ହାଇୱା ବାଇକ୍ ଉପରେ ମାଡ଼ି ଯାଇଥିଲା । ଏଥିରେ ୩୫ ବର୍ଷୀୟ ମହିଳା ପିଙ୍କି ମଣ୍ଡଳଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଓ ପୁଅ ଗୁରୁତର ହୋଇଛନ୍ତି ।

### ରାଜଧାନୀରେ ପୁଣି 'ହିଟ୍ ଆଣ୍ଡ ରନ୍' ଘଟଣା

## ରାସ୍ତା ପାର ବେଳେ ଧକ୍କା ଦେଲା କାର୍, ଜଣେ ଗୁରୁତର




ଭୁବନେଶ୍ୱର(ନି.ପ୍ର) : ରାଜଧାନୀ ଭୁବନେଶ୍ୱରରେ ପୁଣି ହିଟ୍ ଆଣ୍ଡ ରନ୍ ଘଟଣା ଘଟିଛି । ନୟାପଲ୍ଲୀ ଅଞ୍ଚଳରେ ଏକ କାର ଧକ୍କାରେରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ବିଭୂତି ଭୂଷଣ ଚୌହାଣୀ । ସେ ମିଠା କିଣି ରୋଡ୍ ପାର ହଉଥିବା ବେଳେ ଏକ କାର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି । ଘଟଣାର ସିସିଟିଭି ଫୁଟେଜ୍ ଏବେ ସାମ୍ନାକୁ ଆସିଛି । ଏନେଇ ସ୍ଥାନୀୟ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି । ଦୁର୍ଘଟଣା ଘଟାଇଥିବା କା ର୍ଚାଳକ କିଏ, କେଉଁଠି ଅଛନ୍ତି, ତାଙ୍କୁ ପୁଲିସ ଠାବ କରିଛି କି ନାହିଁ, ସେନେଇ ଏଯାଏଁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । ଅନ୍ୟପଟେ ପୁଲିସ୍ ଘଟଣାର ତଦନ୍ତ ଜାରି ରଖିଛି । ସେହିଭଳି ଗତକାଲି ରାତି ମଞ୍ଚେଶ୍ୱରରୁ ଡମଣା ସିରିଜ୍ ଦୁର୍ଘଟଣା ଘଟିଥିଲା ଯେଉଁଥରେ ଜଣଙ୍କର ମୃତ୍ୟୁ ଘଟିଛି । ଅଭିଯୋଗକାରୀ ଅଟୋଚାଳକ ପରମାନନ୍ଦ ସାହୁ ଜୟଦେବବିହାର ଛକରୁ ଜୟନ୍ତ ମହାପାତ୍ରଙ୍କୁ ଅଟୋରେ ନେଇ ଆସୁଥିଲେ । ମଞ୍ଚେଶ୍ୱର ରେଳବାଇ ହସ୍ପିଟାଲ ସମ୍ମୁଖରେ ହଠାତ୍ ସମ୍ମୁଖରୁ ବେପରୁଆ ଭାବେ ଇଭି ଚଳାଇ ଆସୁଥିବା ପ୍ରକାଶ ଅଟୋକୁ ଧକ୍କା ଦେଇଥିଲା । ଜୟନ୍ତ ଏବଂ ପରମାନନ୍ଦ ରାସ୍ତାରେ ଛିଟିକି ପଡ଼ିଥିଲେ । ଜୟନ୍ତଙ୍କ ଉପରେ କାର ଚଢ଼ି ଯାଇଥିଲା । ତା' ପରେ କାର ଚାଳକ ଜଣଙ୍କ ସେଠାରେ ନ ଅଟକି ବାଟସାରା ଦୁର୍ଘଟଣା ଘଟାଇ ଚାଲିଥିଲା । ଡମଣା ଛକରେ ଦୁର୍ଘଟଣା ଘଟାଇ ଖସି ଯାଉଥିବା ବେଳେ ପିସିଆର ପୁଲିସ ଗାଡ଼ିକୁ ଅଟକାଇବାରେ ସକ୍ଷମ ହୋଇଥିଲା । ପୁଲିସ କାର ସହ ଚାଳକ ପ୍ରକାଶଙ୍କୁ ଧରି ଚନ୍ଦ୍ରଶେଖରପୁର ଥାନାକୁ ନେଇ ଯାଇଥିଲା । ଜୟନ୍ତଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ବ୍ରେଥ୍ ଆନାଲାଇଜରରେ କାର ଚାଳକ ପ୍ରକାଶ ଅତ୍ୟଧିକ ମଦ୍ୟପାନ କରିଥିବା ଜଣା ପଡ଼ିଥିଲା । ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ମଧ୍ୟ ଏକ ମାମଲା ରୁଜୁ କରିଛି ।

### ବକେୟା ଟଙ୍କା ଦେବାରେ ବିଳମ୍ବ

## କଟକର ସରକାରୀ କାର୍ଯ୍ୟାଳୟ ଉପରେ କୋର୍ଟଙ୍କ କଡ଼ା ଆକ୍ସନ୍

କଟକ(ନିପ୍ର): ପ୍ରାୟ ୯ କୋଟି ୧୯ ଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ଲାଗି ନିର୍ଦ୍ଦେଶ ଦେଲେ କମର୍ସିଆଲ କୋର୍ଟ, କଟକ । କଟକ ବନ୍ଦୋବସ୍ତ, ଭୂ-ଲେଖ ଓ ନକ୍ସା ପ୍ରକାଶନ କାର୍ଯ୍ୟାଳୟ ଉପରେ ଏଭଳି କଡା ଆକ୍ସନ ହୋଇଛି । ତେବେ ଅଫିସ ମୁଖ୍ୟ ଫାଟକ ବନ୍ଦ ରହିଥିବାରୁ ଶୁକ୍ରବାର ଗେଟ୍ ସମ୍ମୁଖରେ ଲଟକା ଜାରି କରାଯାଇଛି । ସୂଚନା ଅନୁସାରେ, ଯୋବ୍ରା ସ୍ଥିତ ବନ୍ଦୋବସ୍ତ, ଭୂ-ଲେଖ ଓ ନକ୍ସା ପ୍ରକାଶନ କାର୍ଯ୍ୟାଳୟର ଆବଶ୍ୟକତା ମୁତାବକ, ସିଲଭେସା ଇନଫୋଟେକ୍ ସଂସ୍ଥା ୨୦୧୨ ମସିହାରେ ୧୨୨ଟି ତହସିଲ ଅଫିସକୁ କମ୍ପ୍ୟୁଟର ଯୋଗାଇଥିଲା ।ଏହି କମ୍ପ୍ୟୁଟରଗୁଡିକର ମୂଲ୍ୟ ପ୍ରାୟ ୭ କୋଟି ୪୬ ଲକ୍ଷ ଟଙ୍କା ଥିଲା କ୍ଷ ତେବେ ସୁଧ ମୂଳ ସହିତ ମିଶି ୯.୧୯ କୋଟିର ବକେୟା ପ୍ରାପ୍ୟ ଦେବାରେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣେଇବାରୁ ସଂସ୍ଥା ପକ୍ଷରୁ କମର୍ସିଆଲ କୋର୍ଟରେ ମାମଲା ଦାୟର ହୋଇଥିଲା । କୋର୍ଟଙ୍କ ରାୟ ଆବେଦନକାରୀଙ୍କ ସପକ୍ଷରେ ଗଲା । ଯାହାକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ତେବେ ଅପିଲ୍ ପିଟିସନ ଖାରଜ ହେବା ପରେ, ନିମ୍ନ ଅଦାଲତଙ୍କ ରାୟ କାଏମ ରହିଛି

## ଅଣଛାତ୍ରଙ୍କ ବିରୋଧରେ ଏଫ୍‌ଆଇଆର ହେଲେ ସିସିଟିଭି ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି

କଟକ(ନିପ୍ର): ରାଜ୍ୟର ପ୍ରାୟ ୩ ହଜାର କଲେଜରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । କାଁଭାଁ କିଛି ଛୋଟ ଘଟଣାକୁ ଛାଡ଼ିଦେଲେ ଅଧିକାଂଶ ସ୍ଥାନରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ରହିଥିବା କହିଛନ୍ତି ପୁଲିସ ଡିଜି ବିନୟତୋଷ ମିଶ୍ର । ଡିଜିପି କହିଛନ୍ତି, କ୍ୟାମ୍ପସରେ ହିଂସାକାଣ୍ଡ ରୋକିବା ସହ ଅଣଛାତ୍ରଙ୍କୁ କ୍ୟାମ୍ପସ ଭିତରକୁ ପ୍ରବେଶ କରାଇ ନଦେବା ପୁଲିସର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ଉଦ୍ଦେଶ୍ୟରେ ପୁଲିସ କାର୍ଯ୍ୟ କରିଥିବା ବେଳେ ଏଥିରେ ସଫଳତା ମିଳିଛି ବୋଲି ସେ କହିଛନ୍ତି । ସେହିପରି ନିର୍ବାଚନ ସମୟରେ ଗଣ୍ଡଗୋଳ ପାଇଁ କୌଣସି ଅଣଛାତ୍ରଙ୍କ ବିରୋଧରେ ଏଫ୍‌ଆଇଆର ଆସିଲେ, ତାହାର ତଦନ୍ତ କରାଯିବ । ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୋଗର ସତ୍ୟତା ଆଧାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି । ଦୀର୍ଘ ପ୍ରାୟ ୮ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବାରୁ କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ପୁଲିସ ପାଇଁ ଏକ ବଡ଼ ଆହ୍ୱାନ ଥିଲା । ତେବେ ଛୋଟମୋଟ ଘଟଣାକୁ ଛାଡ଼ିଦେଲେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସରିଥିବା ପୁଲିସ ପକ୍ଷରୁ କୁହାଯାଇଛି ।

## ଜଗନ୍ନାଥ ମନ୍ଦିରରେ ଚୋରି: ତଦନ୍ତ ଆରମ୍ଭ

### ତଦନ୍ତ ପାଇଁ ଆସିଲେ ସାଇଣ୍ଟିଫିକ ଟିମ୍



ଡାବୁଗାଁ(ନିପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସ୍ଥିତ ଜଗନ୍ନାଥ ମନ୍ଦିରରେ ଚୋରି ହୋଇଥିବା ଘଟଣାରେ ପୁଲିସ ତଦନ୍ତ ତୀବ୍ର କରିଛି । ସୂଚନା ଅନୁଯାୟୀ, ଗତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ଦାନବାକ୍ସ ସହ ମୂଲ୍ୟବାନ ସାମଗ୍ରୀ ଚୋରିକରି ନେଇଛନ୍ତି । ଏହା ସହ ରୂପରେ ନିର୍ମିତ ଭଗବାନଙ୍କ ମଦନ ମହନ ମୂର୍ତ୍ତି, ଗଣେଶ ମନ୍ଦିରରୁ ମୁକୁଟ, ଲକ୍ଷ୍ମୀ ମନ୍ଦିର ମାଙ୍କ ମୁକୁଟ ଆଦି ଚାରି ହୋଇଥିବା ମନ୍ଦିର ପୂଜକ ସୂଚନା ଦେଇଛନ୍ତି । ଶୁକ୍ରବାର ସକାଳେ ପୂଜକ ମନ୍ଦିର ଖୋଲିବା ବେଳେ ଘଟଣା ସମ୍ପର୍କରେ ଜାଣି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଡାବୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଦୁଃଖର ବିଷୟ ଦୁର୍ଗାପୂଜା ସମୟରେ ମନ୍ଦିରରୁ ଚୋରି ହୋଇଛି । କିଛିଦିନ ପୂର୍ବରୁ ବିଡ଼ରି ମନ୍ଦିରରୁ ଚରି ହୋଇଥିଲା ଏଭଳି ଅନେକ ଘଟଣା ସାମ୍ନାକୁ ଆସିଛି । ଦୁର୍ବୃତ୍ତମାନେ ଖାଲି ହିନ୍ଦୁ ମନ୍ଦିରମାନଙ୍କୁ ହିଁ ଟାର୍ଗେଟ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି । ଏହି ଘଟଣାର ଅଧିକ ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ଆରମ୍ଭ କରିଛି । ଏହାସହ ମନ୍ଦିର ପରିସରର ଏବଂ ଆଖପାଖ ଅଂଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି । ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବ ବୋଲି ପୁଲିସ କହିଛି । ଚୋରି ଘଟଣାକୁ ନେଇ ସ୍ଥାନୀୟ ଭକ୍ତ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ବୈଧ ଅଗ୍ନିଶମ ଲାଇସେନ୍ସ ନ ଥିଲେ ମିଳିବ ଦଣ୍ଡ !



କଟକ(ନିପ୍ର): ବିନା ଫାୟାର ସେଫ୍ଟି ଲାଇସେନ୍ସରେ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଇବା ଏଥର ମହଙ୍ଗା ପଡିବ । ବୈଧ ଅଗ୍ନିଶମ ଲାଇସେନ୍ସ ନଥିଲେ କାର୍ଯ୍ୟାନୁଷ୍ଠାନ ହେବ । ୪ ହଜାର ୬ ଶହ ୫ ପ୍ରତିଷ୍ଠାନରେ କଡ଼ାକଡ଼ି ଯାଞ୍ଚ । ଖିଲାପି ୩ ହଜାର ୪ ଶହ ୪ ସଂସ୍ଥାକୁ ନୋଟିସ । ୨ଶହ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ । ଓଡିଶାକୁ ୨୦୩୬ ସୁଦ୍ଧା ବିକଶିତ ତଥା ସମୃଦ୍ଧ ରାଜ୍ୟରେ ପରିଣତ ପାଇଁ ସୁରକ୍ଷିତ ଓଡିଶା, ବିକଶିତ ଓଡିଶା ନାଁ ରେ ଚାଲିଥିଲା ଅଭିଯାନ । ସେହି ଅଧୀନରେ ରାଜ୍ୟର ବିଭିନ୍ନ ଆବାସିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ବ୍ୟବସାୟିକ ହବ୍ ଓ ଶିଳ୍ପାଞ୍ଚଳରେ ହୋଇଛି କଡାକଡି ଯାଞ୍ଚ । ବଢୁଥିବା ସହରିକରଣ ସହିତ ଉଚ୍ଚ ଅଟ୍ଟାଳିକାରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ବୈଧ ଲାଇସେନ୍ସ, ଅଗ୍ନି ସୁରକ୍ଷା ନିୟମ, ଆବଶ୍ୟକୀୟ ମାନଦଣ୍ଡର ଯାଞ୍ଚ କରାଯାଇଛି । ଅନୁମୋଦିତ ସ୍ୱତନ୍ତ୍ର ନକ୍ସାର ବ୍ୟତିକ୍ରମ କରିଥିବା ୨ ଶହ ପ୍ରତିଷ୍ଠାନକୁ ନୋଟିସ ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଲାଇସେନ୍ସ ଆବଶ୍ୟକ କରୁଥିବା ସମସ୍ତ ପ୍ରତିଷ୍ଠାନର ଏକ ନିର୍ଭରଯୋଗ୍ୟ ଡାଟା ବେସ୍ ପ୍ରସ୍ତୁତ କରାଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟକୁ ତ୍ୱରିତ କରିବା ପାଇଁ ଥ୍ରୀଡି ମ୍ୟାପ ଡାଟାବେସ୍ ପ୍ରସ୍ତୁତ କରାଯାଇଛି । ଅଗ୍ନିଶମ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଫାୟାର ସେଫ୍ଟି ସାର୍ଟିଫିକେଟ, ସୁପାରିସ କିମ୍ବା ଏନଓସି ପାଇଁ ୯୨୩୭୦୪୬୯୭୭ ରେ ସାଧାରଣ ଲୋକେ ଏସଏମଏସ୍ କରିପାରିବେ । ସେପଟେ ଆଗାମୀ ଦୁର୍ଗାପୂଜା ଓ ଦଶହରାକୁ ସୁରକ୍ଷିତ ତଥା ଶାନ୍ତିଶୃଙ୍ଖଳାପୂର୍ଣ୍ଣ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରାଜ୍ୟର ସମସ୍ତ ପୂଜା ମଣ୍ଡପ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦମକଳ ଗାଡ଼ି, ୫ ହଜାର କର୍ମଚାରୀ ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ନିୟୋଜିତ କରାଯାଇଛି । ଅଗ୍ନି ସୁରକ୍ଷା ନିୟମାବଳୀର କଡା ପାଳନ ପାଇଁ ଗତ ସେପଟ୍ମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିଲା ଏହି ସ୍ୱତନ୍ତ୍ର ଅଭିଯାନ । ଆଗକୁ ମଧ୍ୟ ସରପ୍ରାଇଜ୍ ଚେକିଂ ଆରମ୍ଭ ହେବ ବୋଲି ଅଗ୍ନିଶମ ବିଭାଗ ସୂଚନା ମିଳିଛି ।

## ପୁରୁଣାପାନି ଜଙ୍ଗଲରେ କ୍ଷତାକ୍ତ ଅବସ୍ଥାରେ ବୁଲୁଛି ହାତୀ

- ଡାହାଣ ଗୋଡ଼ରେ ଗୁଳି ବାଜିଥିବା ନେଇ ସୂଚନା
- ଘଟଣା ଚାପିଦେବାକୁ ବନ ବିଭାଗର ଉଦ୍ୟମ !

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ରେଞ୍ଜ ପେଣ୍ଟବାହାଲ୍ ପୁରୁଣା ପାନି ଜଙ୍ଗଲରେ ଛୋଟେଇ ଛୋଟେଇ କ୍ଷତାକ୍ତ ଅବସ୍ଥାରେ ବୁଲୁଛି ହାତୀ । ସୂଚନାଯୋଗ୍ୟ ଯେ ଆଜକୁ ୮ଦିନ ହେବ ଏହି ଗାଁ ପାଖ ଜଙ୍ଗଲରେ ୨ଟି ହାତୀ ଧାନ ଚାଷ ଖାଇବାକୁ ଆସିଥିବା ଲୋକେ ଦେଖିବାକୁ ପାଇଥିଲେ । ହେଲେ କୌଣସି କାରଣରୁ ସେଥିମଧ୍ୟରୁ ଗୋଟିଏ ହାତୀର ସମ୍ମୁଖ ଡାହାଣ ଗୋଡ଼ରେ କ୍ଷତାକ୍ତ ଚିହ୍ନ ଦେଖିବାକୁ ମିଳିଥିଲା ଏବଂ ସେଥିରୁ ରକ୍ତ ବାହାରୁ ଥିବା ମଧ୍ୟ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ହେଲେ ସବୁଠାରୁ ବଡ଼କଥା ଏନେଇ ବନ ବିଭାଗ ପାଖରେ ଖବର ଥାଇ ମଧ୍ୟ ନ ଜାଣିଲା ଭଳି ଅଭିନୟ କରୁଥିବା ଶୁଣିବାକୁ ମିଳିଛି । କିଛି ଗଣମାଧ୍ୟମ ପ୍ରତିନିଧି ଖବର ପାଇ ଘଟଣା ସ୍ଥଳକୁ ପହଞ୍ଚି ବନ ବିଭାଗକୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ । ପରେ ସ୍ଥାନୀୟ ଫରେଷ୍ଟ ଗାର୍ଡ ଏବଂ ଫରେଷ୍ଟର୍‌ଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ ମଧ୍ୟ ସଠିକ୍ ଖବର ମିଳିନଥିଲା । ଯାହା ଜଣାପଡୁଛି ଘଟଣାକୁ ଚପେଇବା ପାଇଁ ଚେଷ୍ଟା ଚଳାଉଛି କି ବନ ବିଭାଗ ? ଅନ୍ୟପଟେ ହାତୀକୁ ଗୁଳି କରାଯାଇଥିବାରୁ କ୍ଷତାକ୍ତ ହୋଇ ଛୋଟେଇ ଛୋଟେଇ ଯାଉଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି ।

